ଧରିତ୍ରୀ
DHARITRI
October 6-12, 2019 ₹ 2/-

# ଛୁଟି ଦିନ



## ତେଜସ୍ୱିନୀ

ଯେବେ ଯେବେ ନାରୀର ଧୈର୍ଯ୍ୟ ବନ୍ଧବାଡ ଭାଙ୍ଗେ ସେ ନେଇପାରେ ଉଗ୍ରରୂପା ଆଉ ତା’ ସମ୍ମୁଖରେ ଥିବା ମହିଷାସୁର ରୂପୀ ଅତ୍ୟାଚାରୀକୁ ସେ କରିପାରେ ଦମନ। ତା’ ତେଜରେ ଲୁଚିଯାଏ ସବୁ ଅନ୍ୟାୟ, ଅତ୍ୟାଚାରର ଅନ୍ଧକାର। ସେମିତି କେତେଜଣ ତେଜସ୍ୱିନୀ ମହିଳାଙ୍କ ସାହସର ଗାଥା ଏଥରର ପ୍ରଚ୍ଛଦ ପ୍ରସଙ୍ଗରେ....



୩ ପ୍ରଚ୍ଛଦ ପ୍ରସଙ୍ଗ



୮/୯ ସିନେମା



ସହରଠୁ ଦୂର ୧୩

# ରଙ୍ଗ ଅନୁଯାୟୀ ପାଳନ୍ତୁ ନବରାତ୍ର

ମା' ଦୁର୍ଗାଙ୍କ କୃପା ଲାଭ କରିବା ପାଇଁ ଅନେକେ ନବରାତ୍ର ବ୍ରତ ପାଳନ କରିଥାନ୍ତି। ଏହି ନଅ ଦିନରେ ଦେବୀ ଦୁର୍ଗା ନଅଟି ରୂପରେ ପୂଜା ପାଇଥାନ୍ତି। ତେବେ ଏହି ପୂଜାରେ ରଙ୍ଗର ପ୍ରଭାବ ମଧ୍ୟ ବିଶେଷ ଭାବେ ପରିଲକ୍ଷିତ ହୋଇଥାଏ। ଜାଣନ୍ତୁ ସେ ସମ୍ପର୍କରେ....



* ପ୍ରଥମ ଦିନ ମା' ଦୁର୍ଗା ଶୈଳପୁତ୍ରୀ ରୂପେ ପୂଜା ପା'ନ୍ତି। ଏହିଦିନ ମା'ଙ୍କୁ ହଳଦିଆ ବସ୍ତ୍ର ଦାନ କରିବା ଶୁଭ ବୋଲି କୁହାଯାଏ।
* ଦ୍ୱିତୀୟ ଦିନ ମା' ବ୍ରହ୍ମଚାରିଣୀଙ୍କ ପୂଜା କରାଯାଇଥାଏ। ଏହିଦିନ ମା'ଙ୍କୁ ସବୁଜ ରଙ୍ଗର ବସ୍ତ୍ର ପିନ୍ଧାଯାଇଥାଏ। ଏହିଦିନ ସବୁଜ ରଙ୍ଗ ବସ୍ତ୍ର ପିନ୍ଧିବା ଶୁଭ ବୋଲି କୁହାଯାଏ।
* ତୃତୀୟ ଦିନ ମା' ଚନ୍ଦ୍ରଘଣ୍ଟା ରୂପେ ପୂଜା ପା'ନ୍ତି। ଏହିଦିନ ମାଟିଆ ରଙ୍ଗର ବସ୍ତ୍ର ପିନ୍ଧିବା ଭଲ।
* ଚତୁର୍ଥୀ ଦିନ ମା' କୁଷ୍ମାଣ୍ଡାଙ୍କ ଆରାଧନା କରାଯାଏ। ଏହିଦିନ କମଳା ରଙ୍ଗର ବସ୍ତ୍ର ପିନ୍ଧିବା ଶୁଭ।
* ପଞ୍ଚମୀ ଦିନ ସ୍କନ୍ଦମାତାଙ୍କ ଆରାଧନା କରାଯାଇଥାଏ। ଏହିଦିନ ଧଳାରଙ୍ଗ ବସ୍ତ୍ର ପିନ୍ଧିବା ଶୁଭ।
* ଷଷ୍ଠୀରେ କାତ୍ୟାୟନୀ ପୂଜା ପାଇଥାନ୍ତି। ଏହିଦିନ ନାଲି ରଙ୍ଗ ବସ୍ତ୍ର ପରିଧାନ କରିବା ଶୁଭ।
* ସପ୍ତମୀରେ ମା' କାଳରାତ୍ରି ଭାବେ ପୂଜା ପାଇଥାନ୍ତି। ଏହିଦିନ ସବୁଜ ନୀଳ ବସ୍ତ୍ର ପିନ୍ଧିବା ଶୁଭ ବୋଲି କୁହାଯାଏ।
* ଅଷ୍ଟମୀରେ ମହାଗୌରୀ ରୂପେ ପୂଜା ପାଇଥାନ୍ତି। ଗୋଲାପୀ ରଙ୍ଗର ବସ୍ତ୍ର ଏହିଦିନେ ପିନ୍ଧିବା ଭଲ।
* ନବମୀରେ ମା' ସିଦ୍ଧିଦାତ୍ରୀଙ୍କ ଆରାଧନା କରାଯାଏ। ଏହିଦିନ ବାଇଗଣି ରଙ୍ଗର ବସ୍ତ୍ର ପିନ୍ଧିବା ଶୁଭ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୬-୧୨

**ମେଷ**
ନିଷ୍ପତ୍ତି ପରିବର୍ତ୍ତନ କରିପାରନ୍ତି, ମାନସିକ ଦ୍ୱନ୍ଦ୍ୱର ଅବସାନ, ସୁସ୍ଥତା ଫେରିପାଇବେ, ଶତ୍ରୁ ଛାଇଭଳି ଲାଗି ରହିବେ, ସ୍ଥଗିତ କାମ ତ୍ୱରାନ୍ୱିତ ହେବ, ସ୍ନାୟବିକ ଦୁର୍ବଳତା। ଭୂ-ସମ୍ପତ୍ତିକୁ ନେଇ ବିବାଦ, ଦ୍ରବ୍ୟଲାଭ, ଦୂରଯାତ୍ରା, ନୂଆ ସମ୍ପର୍କ ଯୋଡ଼ିବେ।

**ବୃଷ**
ପାରିବାରିକ ଅସ୍ଥିରତା, ସ୍ଥିର ସିଦ୍ଧାନ୍ତ ନେବେ, ମିତ୍ରତା ସୃଷ୍ଟି କରିବେ, ରାଜନୀତିରେ ଲକ୍ଷ୍ୟଭ୍ରଷ୍ଟ, ପ୍ରଶାସନିକ ଦ୍ୱନ୍ଦ୍ୱ, ଯାନବାହନରେ ତ୍ରୁଟି, ନିର୍ମାଣକୁ ନେଇ ବାକ୍ୟୁଦ୍ଧ, ସ୍ୱାସ୍ଥ୍ୟରେ ଉନ୍ନତି, ନେତୃତ୍ୱରୁ ପ୍ରଶଂସା।

**ମିଥୁନ**
ଶାରୀରିକ ପୀଡ଼ା, ତୀର୍ଥାଟନର ପ୍ରସ୍ତୁତି, ଭ୍ରାତୃବର୍ଗ ଦ୍ୱାରା ସମସ୍ୟା, ବିପଦରୁ ରକ୍ଷା ପାଇବେ। ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଋଣ ପରିଶୋଧର ଚିନ୍ତା, ସାଂସ୍କୃତିକ କାର୍ଯ୍ୟରେ ତତ୍ପରତା।

**କର୍କଟ**
କାର୍ଯ୍ୟହାନିରୁ ମନସ୍ତାପ, ଯାତ୍ରା ସ୍ଥଗିତ ରହିବ, ଆଇନ ସହାୟତା ପ୍ରାପ୍ତି, ଭୁଲ୍ ବୁଝାମଣାରୁ କଳହ। ଅସଫଳତାର ସମୀକ୍ଷା। ନୂତନ ବନ୍ଧୁତ୍ୱ ସୃଷ୍ଟି, ସନ୍ତାନଙ୍କ କୃତିତ୍ୱ, ବିଦେଶଯାତ୍ରାର ସୁଯୋଗ, ରପ୍ତାନି ବାଣିଜ୍ୟରେ ଉନ୍ନତି ।

**ସିଂହ**
ଦ୍ରବ୍ୟ ନଷ୍ଟରୁ କ୍ଷୋଭ, ଭାବପ୍ରବଣ ହେବେ। ଯୁକ୍ତିତର୍କରୁ କଳହ, ପଡ଼ୋଶୀଙ୍କ ଉଦାରତା, ନୂତନ ଯାନବାହନ କ୍ରୟ, ଧର୍ମକାର୍ଯ୍ୟ କରିବେ, ନୂଆ ବ୍ୟବସାୟ ଯୋଡ଼ିବେ।

**କନ୍ୟା**
ବାଣିଜ୍ୟ ମାନ୍ଦା ହେବ, କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ଭୋଗ ବିଳାସର ପ୍ରାଚୁର୍ଯ୍ୟ, ସମ୍ପର୍କୀୟଙ୍କ ପାଇଁ ଦୁଶ୍ଚିନ୍ତା। ଶୁଭ ଖବର ପ୍ରାପ୍ତି, ଅର୍ଥ ଲାଭ, ସ୍ୱଜନଙ୍କ ସହଯୋଗ, ଧାତୁ ଅଳଙ୍କାର କ୍ରୟ, ସାମ୍ବାଦିକତାରୁ ଗୌରବ।

**ତୁଳା**
ହଇରାଣରେ ପଡ଼ିପାରନ୍ତି, ଅଶାନ୍ତି ଲାଗିରହିବ, ଭ୍ରାତୃ ସମ୍ପର୍କ ବୃଦ୍ଧି, ବିଭିନ୍ନ ସୂତ୍ରରୁ ରୋଜଗାର, ବିବାଦର ଅବସାନ, ଶିଳ୍ପ ଓ ଏଜେନ୍ସିପରୁ ଖୁସି, ଯାତ୍ରାରେ ସଫଳତା, ପାରିବାରିକ ଶାନ୍ତି। ସୁସ୍ଥତା ବ୍ୟାହତ ହେବ, କର୍ମକ୍ଷେତ୍ରରେ ପଦୋନ୍ନତି, ଲୋକସମ୍ପର୍କ ବୃଦ୍ଧି।

**ବିଛା**
କାମରେ ପ୍ରତିବନ୍ଧକ, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ପଦମର୍ଯ୍ୟାଦା ବୃଦ୍ଧି, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଆରୋଗ୍ୟଲାଭ, ଆତ୍ମୀୟଙ୍କ ଅସହଯୋଗ, ସମ୍ପର୍କହାନି ଘଟିପାରେ, ଯାତ୍ରା ସ୍ଥଗିତ ରହିବ, ଆନୁଷ୍ଠାନିକ କର୍ମତତ୍ପରତା।

**ଧନୁ**
ବନ୍ଧୁଙ୍କ ପରାମର୍ଶ, ସମସ୍ୟାର ମୁକାବିଲା କରିବେ, ବକେୟା ପାଇବେ। ଉପରିସ୍ଥଙ୍କ ସମାଲୋଚନା, ଭ୍ରମଣ ସୁଯୋଗ ଜୁଟିବ, ରୋଗ ଦାଉ ସାଧିବ, ବାଣିଜ୍ୟରେ ବାଧା। ପରିବହନରେ ଝଗଡ଼ା, ପାରିବାରିକ ଅଶାନ୍ତି।

**ମକର**
ସ୍ୱାସ୍ଥ୍ୟରେ ଉନ୍ନତି, ପଡ଼ୋଶୀଙ୍କ ସହାନୁଭୂତି, ପାରିବାରିକ ସଦ୍ଭାବ। କର୍ମକ୍ଷେତ୍ରରେ ବାଧା, ବନ୍ଧୁପ୍ରସ୍ତାବ ଆସିବ, ସମସ୍ୟାର ସମାଧାନ, ସଭାସମିତିକୁ ଆହ୍ୱାନ, ସାହିତ୍ୟକୃତିରୁ ପ୍ରଶଂସା।

**କୁମ୍ଭ**
ଦୁଶ୍ଚିନ୍ତାରୁ ରକ୍ତଚାପ ବୃଦ୍ଧି, ବିରୋଧୀପକ୍ଷଙ୍କ ସକ୍ରିୟତା, ଜିଦ୍‌ରୁ କଳହ, ନୂତନ ପ୍ରକଳ୍ପ ଆରମ୍ଭ, ସହଯୋଗ ମିଳିବ, ଦ୍ୱନ୍ଦ୍ୱର ଅବସାନ, ଆଶା ଫଳବତୀ ହେବ। ଦୈହିକ ଦୁର୍ବଳତା, ଆର୍ଥିକ ଅଭିବୃଦ୍ଧି, ଭ୍ରାତୃ ବିବାଦ, ଯାନବାହନରେ ସମସ୍ୟା, ଯାତ୍ରାରେ ଲକ୍ଷ୍ୟପୂରଣ।

**ମୀନ**
କର୍ମାରମ୍ଭରେ ବ୍ୟତିକ୍ରମ, ମାନସିକ ଅସ୍ଥିରତା, ପେଟ ଗୋଳମାଳ। କାର୍ଯ୍ୟସିଦ୍ଧିର ସୂଚନା, ପାରିବାରିକ ସହଯୋଗ, ଉଚ୍ଚଶିକ୍ଷାରେ ବାଧା, ରାଜନୈତିକ ବିବାଦ, ସଭାସମିତିରେ ବିତର୍କ।

# ଚକୋଲେଟ୍ ଦୁର୍ଗାମୂର୍ତ୍ତି

ଶକ୍ତିସ୍ୱରୂପିଣୀ ମା' ଦୁର୍ଗାଙ୍କ ପୂଜାକୁ ସାରା ଦେଶରେ ବେଶ୍ ଧୁମଧାମରେ ପାଳନ କରାଯାଇଥାଏ। ପ୍ରତିବର୍ଷ ବିଭିନ୍ନ ପୂଜା କମିଟି ତରଫରୁ ବିଭିନ୍ନ ଥିମ୍ ଏବଂ କନ୍ସେପ୍ଟକୁ ନେଇ ପ୍ରତିମୂର୍ତ୍ତି ତଥା ମଣ୍ଡପମାନ ନିର୍ମାଣ କରାଯାଇଥାଏ। ଠିକ୍ ସେହିଭଳି ବିଗତ ଦୁଇବର୍ଷ ଧରି ଏହି ପାର୍ବଣ ଋତୁକୁ ଆଉ ଟିକିଏ ମନୋରଞ୍ଜନଧର୍ମୀ କରିବାଲାଗି କୋଲକାତାର ଏକ ହୋଟେଲ ନିର୍ମାଣ କରୁଛି ଚକୋଲେଟରେ ଦୁର୍ଗାମୂର୍ତ୍ତି। ଏହି ହୋଟେଲ ୨୦୧୭ରେ ୬୦୦ କିଲୋଗ୍ରାମର ଡାର୍କ ଚକୋଲେଟ୍‌ରେ ୬ ଫୁଟ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ନିର୍ମାଣ କରି ବେଶ୍ ଚର୍ଚ୍ଚାରେ ରହିଥିଲେ। ସେହିଭଳି ୨୦୧୮ରେ ୧୦୦୦କିଲୋ ହ୍ୱାଇଟ ଚକୋଲେଟ୍ ବ୍ୟବହାରକରି ୧୦ ଫୁଟ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ନିର୍ମାଣକରି ବେଶ୍ ପ୍ରଶଂସା ସାଉଟିଥିଲେ। ତେବେ ଏହି ଚକୋଲେଟ୍ ମୂର୍ତ୍ତିକୁ କ୍ଷୀରରେ ବିସର୍ଜନ କରି ତାକୁ ଗରିବ ପିଲାଙ୍କ ମଧ୍ୟରେ ବାଣ୍ଟିଦିଆଯାଇଥିଲା।



# ପାଠକୀୟ

❖ଦୁଇପଇସା ଲାଭ ପାଇବାକୁ ସମସ୍ତେ ବ୍ୟବସାୟ କରନ୍ତି। କିନ୍ତୁ କିଛି ଏମିତି ମଣିଷ ଅଛନ୍ତି ଯେଉଁମାନେ ଲାଭ ଅପେକ୍ଷା ଗରିବ, ଅସହାୟ ଲୋକଙ୍କ ପେଟର ଭୋକକୁ ଚିହ୍ନିଥାନ୍ତି। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ସ୍ୱଳ୍ପ ଦରରେ କିମ୍ବା ମାଗଣାରେ ଇଡ୍‌ଲି, ସମ୍ବର ଆଦି ଖାଇବାକୁ ଦେଇଥାନ୍ତି। ସେମିତି କେତେଜଣ ଇଡ୍‌ଲି ବିକୁଥିବା ମହିଳାଙ୍କୁ ନେଇ ପ୍ରସ୍ତୁତ ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଏକ ନିଆରା ବିଷୟ ଥିଲା। ସେହିପରି 'ଯେଉଁଠାରେ ବିନା ଟଙ୍କାରେ ମିଳେ ଜିନିଷ' ପାଠଟି ବି ଆଶ୍ଚର୍ଯ୍ୟକର ଲାଗୁଥିଲା।

*–ଭବାନୀ ଶଙ୍କର ଦାଶ, ମହାବୀର ଲେନ୍, ପୁରୀ*

❖ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଇଡ୍‌ଲି ଆମ୍ମା' ପାଠରୁ ୧ ଟଙ୍କାରେ ଇଡ୍‌ଲି ବିକୁଥିବା କେତେଜଣ ବୃଦ୍ଧାଙ୍କ ସମ୍ପର୍କରେ ଜାଣିହେଲା। ସତରେ ସେମାନଙ୍କ ମନୋବଳ ଆଗରେ ବୟସ ବି ହାର୍ ମାନିଯାଇଛି। ଗରିବ, ଅସହାୟ ବ୍ୟକ୍ତିଙ୍କୁ କମ୍ ଟଙ୍କାରେ କିମ୍ବା ମାଗଣାରେ ଇଡ୍‌ଲି, ସମ୍ବର ଖାଇବାକୁ ଦେଇ ସେମାନେ ଏକ ନିଆରା ଉଦାହରଣ ସୃଷ୍ଟି କରିପାରିଛନ୍ତି। 'ଶାଢ଼ି ପ୍ୟାଣ୍ଟ ଫ୍ୟାଶନ' ପାଠଟିରୁ ଅନେକ ନୂଆ କଥା ଜାଣିହେଲା।

*–ନିତେଇ ସୁବୁଦ୍ଧି, ମଙ୍ଗୁଳି ଛକ, କଟକ*

❖ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ସାହିତ୍ୟିକା ଜୋୟେସ କାରୋଲ୍‌ଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସେହିପରି ସୃଜନପୃଷ୍ଠାରେ ସ୍ଥାନିତ 'ଟିଣ ଟ୍ରଙ୍କ୍' ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ଅନ୍ୟପକ୍ଷେ ସିନେମା ପୃଷ୍ଠାରେ ସ୍ଥାନ ପାଇଥିବା ଶ୍ରଦ୍ଧାଙ୍କ ଫଟୋ ଟି ବି ବେଶ୍ ଆକର୍ଷଣୀୟ ଲାଗୁଥିଲା। ପ୍ରଥମ ରୋଜଗାର ସ୍ତମ୍ଭରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଲୋକପ୍ରିୟ ବିଜ୍ଞାନ ଲେଖକ ଶରତ ଚନ୍ଦ୍ର ମିଶ୍ରଙ୍କ ରୋଜଗାର ସମ୍ପର୍କିତ ଲେଖାଟି ଖୁବ୍ ପ୍ରେରଣାଦାୟୀ ଥିଲା।

*–ଅସୀମା ଦାଶ, ଝୁମ୍ପୁରା, କେନ୍ଦୁଝର*

❖'ଫୁଙ୍କା ଗାଁର କୃଷିଯନ୍ତ୍ର କାରିଗର' ପାଠଟିରୁ ମାଧବ ବେହେରା ତିଆରି କରିଥିବା ଏକ ନିଆରା କୃଷିଯନ୍ତ୍ର ସମ୍ପର୍କରେ ଜାଣିହେଲା। ସେହିପରି ଏଥରର ଚିନ୍ମୟ ଚିନ୍ତନ 'ଟୁଉକୁ ମୂଷିଲୋ ଟୁଉକୁ ମୂଷି– ଧାନ ଭରଣକ ଖାଉଥା ବସି– ତୁ ଥା ମୁଁ ଯାଉଛି ରୁଷି' ଲୋକଗୀତଟି ଏକ ଦିଗ୍‌ବାରେଣୀ ସଦୃଶ ଆମକୁ ଅନେକ କିଛି ଶିଖାଇଲା। ମଡେଲ ବିଶାଲ ବି ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ।

*–ଶରତ କୁମାର ପଲେଇ, ଭବାନିପାଟଣା*

❖ସହର ପୃଷ୍ଠାରେ ସ୍ଥାନିତ 'ଦୁଧ୍‌ୱା ରାଷ୍ଟ୍ରୀୟ ଉଦ୍ୟାନ' ପାଠରୁ ବହୁ ଅଜଣା କଥା ଜାଣିହେଲା। 'ନୀଳ ରାସ୍ତା', 'କଲରିଂ ବୁକ୍ କାଫେ', 'ସର୍ବୋଚ୍ଚ ରୋପ୍ ୱେରେ ଚାଲି ରେକର୍ଡ' ଏବଂ 'କୃଷକଙ୍କ ପୁଅ ତିଆରି କଲେ ହେଲିକପ୍ଟର' ଆଦି ଛୋଟ ପାଠ ବି ଖୁବ୍ ଆଶ୍ଚର୍ଯ୍ୟକର ଥିଲା।

*–ଦୁର୍ଯ୍ୟୋଧନ ବଳିୟାର ସିଂ, ନୟାଗଡ଼*

## ବିଶେଷ ଚିଠି



ଆମ ଏ ଧରିତ୍ରୀ ଛୁଟିଦିନ
ସବୁ ପତ୍ରିକାଠୁ ଲାଗେ ଭିନ୍ନ
ଅଙ୍ଗପରିପାଟୀ ଲାଗଇ ନିଆରା
ଜିଣିନିଏ ପାଠକର ମନ।
ପ୍ରତିଟି ଆଲେଖ୍ୟ ମନଛୁଆଁ
ପ୍ରତିଥର ଲାଗେ ନୂଆ ନୂଆ
ରଙ୍ଗିନ ପୃଷ୍ଠା ତା' ଆହାଃ କି ସୁନ୍ଦର
ଦେଖନ୍ତି ବୃଦ୍ଧଠୁ ପିଲାଛୁଆ।

*–ଦେବେନ୍ଦ୍ର ରାଉଳ, ଜୁଣଗଡ଼ି, ରାଜନଗର, କେନ୍ଦ୍ରାପଡ଼ା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ତେଜସ୍ୱିନୀ



ଯେବେ ଯେବେ ନାରୀର ଧୈର୍ଯ୍ୟ ବନ୍ଧବାଡ ଭାଙ୍ଗେ ସେ ନେଇପାରେ ଉଗ୍ରରୂପ। ଆଉ ତା' ସମ୍ମୁଖରେ ଥିବା ମହିଷାସୁର ରୂପୀ ଅତ୍ୟାଚାରୀଙ୍କୁ ସେ କରିପାରେ ଦମନ। ତା' ତେଜରେ ଲୁଚିଯାଏ ସବୁ ଅନ୍ୟାୟ, ଅତ୍ୟାଚାରର ଅନ୍ଧକାର। ସେମିତି କେତେଜଣ ତେଜସ୍ୱିନୀ ମହିଳାଙ୍କ ସାହସର ଗାଥା ଏଥରର ପ୍ରଚ୍ଛଦ ପ୍ରସଙ୍ଗରେ....

ନାରୀ କେବେ ଲଜ୍ଜାର ଗହଣା ପିନ୍ଧା ଲାଜକୁଳୀ ଲତା ତ କେବେ ମମତାମୟୀ ମା'। କେବେ ପୁଣି ସେ ଧୈର୍ଯ୍ୟ ଓ ସହନଶୀଳତାର ଜୀବନ୍ତ ପ୍ରତିମା। ହେଲେ ଯେବେ ତା' ଧୈର୍ଯ୍ୟର ବନ୍ଧବାଡ ଭାଙ୍ଗେ ସେ ନେଇପାରେ ଉଗ୍ରରୂପ। ଆଉ ତା' ସମ୍ମୁଖରେ ଥିବା ମହିଷାସୁର ରୂପୀ ଅତ୍ୟାଚାରୀଙ୍କୁ ସେ କରିପାରେ ଦମନ। ତା' ତେଜରେ ଲୁଚିଯାଏ ସବୁ ଅନ୍ୟାୟ, ଅତ୍ୟାଚାରର ଅନ୍ଧକାର। ସେମିତି କେତେଜଣ ତେଜସ୍ୱିନୀ ମହିଳାଙ୍କ ସାହସର ଗାଥା ଏଥରର ପ୍ରଚ୍ଛଦ ପ୍ରସଙ୍ଗରେ....

## ରୋଡ୍ ରୋମିଓଙ୍କୁ ଟେକି କଚାଡ଼ିଲେ, ବସ୍ ଉଠ କରାଇ ଉଚିତ ଶିକ୍ଷା ଦେଲେ:

ଏବେ ବେଶ୍ ଚର୍ଚ୍ଚାରେ ଅଛନ୍ତି ବବିନା ମହାଲିକ। ସେ ଚର୍ଚ୍ଚିତା ତାଙ୍କ ସାହସ ପାଇଁ। ଏକୁଟିଆ ରୋଡ୍ ରୋମିଓଙ୍କୁ ଧୂଳି ଚଟେଇ ମାଡ଼ ମାରିବାକୁ ନେଇ। ତାଙ୍କର ଏଇ ସାହସିକତା ପାଇଁ ଏବେ ସେ ପାଲଟିଛନ୍ତି ଅନେକ ଝିଅଙ୍କ ଆଦର୍ଶ। ଘର ତାଙ୍କର ଭୁବନେଶ୍ୱର, ରସୁଲଗଡସ୍ଥ ଜିଜିପି କଲୋନୀରେ ଥିବା ଜଗନ୍ନାଥ ନଗରରେ। ପରିବାର କହିଲେ ବାପାମା' ଦୁଇଭାଇ, ଭାଉଜ, ବଡ଼ ଭଉଣୀ ଓ ଦୁଇ ଝିଆରୀଙ୍କୁ ନେଇ। ପରିବାରରୁ ହିଁ ସାହସୀ ହେବାର ଖୋରାକ ପାଇଛନ୍ତି। ତାଙ୍କ ଭାଇ ତାଙ୍କୁ କହନ୍ତି, ଘରେ ଝିଅ ହୋଇ ରହ। ହେଲେ ବାହାରକୁ ବାହାରିଲେ ପୁଅ ଭଳି ରହିବୁ। ଆଉ ବାପା କହନ୍ତି, ଅନ୍ୟାୟ ଦେଖିଲେ ଚୁପ୍ ରହିବୁନି। ଅନ୍ୟାୟକୁ ପ୍ରତିବାଦ କରିବୁ। ତେବେ ସେଦିନ ସମ୍ପର୍କରେ ବବିନା କହନ୍ତି, 'ସେପ୍ଟେମ୍ବର ୮ ତାରିଖର କଥା। ସେଦିନ ଥିଲା ମୋର ଜନ୍ମଦିନ। ତେଣୁ ମାର୍କେଟ ବାହାରିଥାଏ କିଛି କିଣାକିଣି କରିବା ପାଇଁ। ସମୟ ୩ରୁ-୪ଟା ହେବ। ସ୍କୁଟିରେ ଗଲାବେଳେ ଜଗନ୍ନାଥ ନଗରରୁ ଦୁଇଜଣ ଯୁବକ ବାଇକରେ ମତେ ପିଛା କରିବା ଆରମ୍ଭ କଲେ। ଅନେକ ଖରାପ କଥା ବି କହିଲେ। କିଛି ସମୟ ପରେ ସେମାନେ ମୋ ପାଖାପାଖି ହୋଇଗଲେ। ମିରର୍ ଦେଖି ଅଭଦ୍ର କଥା କହିଲେ। ଶେଷରେ ମୋ ସହିବା ସୀମା ଟପିଗଲା। ମୁଁ ସେମାନଙ୍କୁ ଆଗରେ ରଖି ନିଜେ ତାଙ୍କ ପଛେ ପଛେ ଆସିଲି। ଏମିତି କିଛି ବାଟ ଗଲାପରେ ବମିଖାଲ କେନାଲ ରୋଡ ଏରିଆରେ ଥିବା ଏକ ହମ୍ପସ୍‌ରେ ସେମାନଙ୍କ ଗାଡିର ବେଗ ଗାଡି ସ୍ଲୋ ହୋଇଗଲା। ମୁଁ ମୋ ବଢେଇ ତାଙ୍କ ଗାଡି ପାଖରେ ରଖି ତାଙ୍କୁ ବାଡେଇ ଦେଲି। ଫଳରେ ସେମାନେ ପଡ଼ିଗଲେ। ପଛ ପିଲା ମତେ ମାରିବାକୁ ହେବାରୁ ମୁଁ ତା' ହାତ ଓ ବେକ ଧରିକି ଫୋପାଡି ଦେଲି। ତା'ପରେ ଦୁଇଜଣଙ୍କ ହେଲମେଟ୍ ବାହାର କରି ପିଟିଲି। ବେକ, ହାତ, ଗୋଡକୁ ନିର୍ଘୂମ ଗୋଇଠା ବିଧା ମାରିଲି। ଟେକି କି କଚାଡିଲି ବି। ଅନେକ ଗାଳି କଲି। ଉଠ ବସ୍ କରେଇ ବୁଝେଇଲି। ଏଇ ଦୃଶ୍ୟ ଲୋକମାନେ ଦେଖୁଥାଆନ୍ତି। ଘଟଣା ପରେ ମୁଁ ମାର୍କେଟ ଯାଇ ଶପିଂ ବି କଲି। ଘରୁକୁ ଆସି ରାତିରେ ବାର୍ଥଡେ' ସେଲିବ୍ରେଟ୍ କରି ଶୋଇପଡିଲୁ। ହେଲେ ସକାଳ ହେବାରେ ଗୋଟିଏ ପରେ ଗୋଟିଏ ଗଣମାଧ୍ୟମରୁ କଲ୍ ଆସିବା ଛୁଟିଲା। ଆଉ ଚ୍ୟାନେଲ ଅନ୍ କରି ଦେଖିଲି ମୁଁ ସେଇ ଦୁଇ ବଦ୍‌ମାସ୍‌ଙ୍କୁ ପିଟୁଥିବାର ଦୃଶ୍ୟ। ଘରକୁ ଗଣମାଧ୍ୟମ ପ୍ରତିନିଧିମାନେ ଆସିବା ଆରମ୍ଭ କରିଦେଇଥିଲେ। ମୋ ସହ ଏ କ'ଣ ଘଟୁଥିଲା ବୁଝିପାରୁ ନ ଥିଲି। କଥା ସାରା ଓଡ଼ିଶାରେ ବ୍ୟାପୀ ସାରିଥିଲା।' ଏଇ ସାହସିକତା ପାଇଁ ପରେ କମିଶନର ଅଫ୍ ପୋଲିସ୍ ଡ. ସୁଧାଂଶୁ ଷଡଙ୍ଗୀ ତାଙ୍କୁ ସମ୍ମାନିତ କରିଥିଲେ। ଆଉ ଆଗାମୀ ଦିନରେ ସ୍ପେଶାଲ ପୋଲିସ୍ ଅଫିସର୍ ପଦବୀ ଦେବାକୁ ପ୍ରତିଶ୍ରୁତି ଦେଲେ। ଏହା ପରେ ଗଭର୍ନର ପ୍ର. ଗଣେଶୀ ଲାଲ ବବିନାଙ୍କୁ ପ୍ରଶଂସା କରିବା ସହ ସମ୍ମାନିତ କଲେ। ଆନ୍ଧ୍ରପ୍ରଦେଶ ଗଭର୍ନର ବିଶ୍ୱଭୂଷଣ ହରିଚନ୍ଦନ, ଅନନ୍ତ ନାରାୟଣ ଜେନା ଓ ବିଭିନ୍ନ ସଂସ୍ଥା ବି ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ତାଙ୍କ ସାହସକୁ ପ୍ରଶଂସା କରିଛନ୍ତି। ବବିନା କହନ୍ତି,' ମୁଁ 'ଏମପାଓ୍ୱାରିଂ ଓମେନ' ନାମରେ ଫେସ୍‌ବୁକ୍‌ରେ ଏକ ପେଜ୍ ଖୋଲିଛି, ଯେଉଁଥିରେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବା ମହିଳା ନିଜ କଥା ଜଣେଇବେ। ଆଉ ଆବଶ୍ୟକ ସ୍ଥଳେ ମୁଁ ପୋଲିସଙ୍କୁ ସଙ୍ଗରେ ନେଇ ସେହି ଝିଅ ଅବା ମହିଳାଙ୍କୁ ସାହାଯ୍ୟ କରିବି।'



ଚିନ୍ମୟୀ

ବବିନା

## ମହଙ୍ଗା ପଡ଼ିଲା ଛିନତାଇ

୩ ବର୍ଷ ତଳର ଏଇ ଘଟଣା। ରାତିରେ ଘରକୁ ଫେରୁଥିବା ଜଣେ ଯୁବତୀଙ୍କଠାରୁ ଛିନତାଇ କରିଥିଲେ ତିନିଜଣ ବାଇକ୍ ସବାର ଯୁବକ। ହେଲେ ସେମାନେ ଜାଣି ନ ଥିଲେ ଯେ ଏଇ କାମ ପାଇଁ ତାଙ୍କୁ ବହୁମୂଲ୍ୟ ଦେବାକୁ ହେବ। ଯୁବତୀଜଣକ ସେହି ତିନିଜଣଙ୍କ ଉପରେ ଭାରି ପଡ଼ିଥିଲେ। ଆଉ ନିସ୍ତୁକ ମାଡ ଖାଇଲେ। ଶେଷରେ ଗିରଫ ହୋଇ ଜେଲ୍ ବି ଯିବାକୁ ପଡିଲା। ସେହି ଯୁବତୀଜଣକ ଥିଲେ କରାଟେକା ଚିନ୍ମୟୀ ଭୂୟାଁ। ଘର ଭୁବନେଶ୍ୱର ଲକ୍ଷ୍ମୀସାଗରରେ। ସେଦିନ ଘଟଣା ସମ୍ପର୍କରେ ଚିନ୍ମୟୀ କହନ୍ତି, '୨୦୧୬, ସେପ୍ଟେମ୍ବର ୨୫ ତାରିଖର କଥା। ରାତି ପ୍ରାୟ ୯.୩୦ ହେବ। ମୁଁ ଉତ୍କଳ କରାଟେ ସ୍କୁଲରୁ ଟ୍ରେନିଂ ସାରି ଘରକୁ ସ୍କୁଟିରେ ଫେରୁଥାଏ। ଅଳ୍ପ କିଛି ବାଟ ଯାଇଛି ମୋବାଇଲ୍ ରିଂ ହେଲା। ସ୍କୁଟିକୁ ସାଇଡ୍ କରି ମୋବାଇଲ୍ ଦେଖିଲି ମା' କରିଥିଲେ। ରିସିଭ୍ କରି କଥା ହେଲି। ମା' ପଚାରିଲେ କେତେବେଳେ ଫେରୁଛୁ? ମୁଁ କହିଲି- ଯାଉଛି

→


ପ୍ରୀତିସ୍ମିତା

ରାସ୍ତାରେ ଅଛି। ଏତିକି ବେଳେ ତିନି ଜଣ ବସିଥିବା ଏକ ବାଇକ୍ ମୋ ପାଖରେ ସ୍ଲୋ ହୋଇ ମୋ ହାତରୁ ମୋବାଇଲ୍ ଓ ବେକରୁ ଚେନ୍ ଛଡାଇ ନେଇଗଲେ। ହଠାତ୍ ଏମିତି ଏକ ଘଟଣାକୁ ନେଇ ମନରେ ଭୟ ଆସିଥିଲା ସତ। ହେଲେ ସାର୍ କହନ୍ତି, ମୃତ୍ୟୁ ଥରେ ଆସେ। ତେଣୁ ସାହସର ସହ ଲଢିକି କାହିଁକି ନ ମରିବା। ଆଉ ମୁଁ ତାଙ୍କୁ ପିଛା କରିବା ଆରମ୍ଭ କଲି। ପ୍ରିୟା ହୋଟେଲ ଗଳି ଦେଇ ଆଇଜି ପାର୍କ କଲ୍ଚରାଲ ୟୁନିଭର୍ସିଟି ଯାଏଁ ପିଛା କଲି। ଏହା ଭିତରେ ସେମାନେ ମତେ ଅନେକ ଥର ଗାଡିରେ ଥାଇ ଗୋଇଠା ମାରିଥିଲେ। ଗୋଇଠା ମାରିବା ଦେଖି ଅନୁମାନ କଲି ଯେ, ସେମାନଙ୍କ ପାଖରେ ହତିଆର୍ ନାହିଁ। ମୋ ସାହସ ବଢ଼ି ଯାଇଥିଲା। ଆଉ ତାଙ୍କୁ ପ୍ରାୟ ୩ କି.ମି. ପିଛା କଲି। ମଉକା ଦେଖି ତାଙ୍କ ଗାଡିକୁ ପଛ ପଟୁ ଧକ୍କାଦେଲି। ସେମାନେ ତଳେ ପଡ଼ିଗଲେ। ମୁଁ ବି ପଡ଼ିଥିଲି। ହେଲେ ଉଠିକି ଆଗ ତାଙ୍କ ବାଇକ୍ ଚାବି କାଢି ଆଣିଲି। ଆଉ ସେମାନଙ୍କ ଭିତରୁ ଜଣକୁ ମାରିବା ଆରମ୍ଭ କଲି। ତା' ମାସ୍କ ଖୋଲି ଦେଲି। ଅନ୍ୟ ଦୁଇଜଣ ଗାଡି ଚାବି ଛଡାଇବାକୁ ଧସ୍ତାଧସ୍ତି କରୁଥାଆନ୍ତି। ମୁଁ ପାଟି କରିବା ଆରମ୍ଭ କଲି। ଲୋକ ଜମା ହେବାକୁ ଆରମ୍ଭ କରିବାରୁ ଅନ୍ୟ ଦୁଇଜଣ ଦୌଡି ପଳାଇଲେ। କିନ୍ତୁ ସୌଭାଗ୍ୟବଶତଃ ତାଙ୍କ ପକେଟରୁ ମୋ ମୋବାଇଲ୍ ଖସିପଡିଲା। ମୁଁ ମାରିଥିବା ତୃତୀୟ ବ୍ୟକ୍ତିଜଣକ ବି ଖସିଗଲା। ହେଲେ ସାଙ୍ଗେ ସାଙ୍ଗେ ପିସିଆର୍‌କୁ ଫୋନ୍ କରିଥିଲି। ଆଉ ସେମାନେ ତୁରନ୍ତ ପହଞ୍ଚିଥିଲେ। ବାଇକ୍ ଜବତ ହେଲା ମୁଁ ସେମାନଙ୍କ ନାଁରେ କ୍ୟାପିଟାଲ ଥାନାରେ ଏଫଆଇଆର୍ ରେଜିଷ୍ଟର କଲି। ୩-୪ ଦିନରେ ସେହି ତିନିଜଣ ଧରାପଡ଼ିଗଲେ। ଚିହ୍ନଟ ପାଇଁ ଡକାଗଲା। ଯେହେତୁ ଜଣଙ୍କ ମୁଖା ଖୋଲିବାରେ ସଫଳ ହୋଇଥିଲି ତେଣୁ ଜଣଙ୍କୁ ଚିହ୍ନି ପାରିଲି। ତା'କୁ ପଚରାଉଚରା କରି ଅନ୍ୟ ଦୁଇଜଣ ବି ଧରାପଡିଲେ।' ଏହି ଦୁଃସାହସିକ କାମ ପାଇଁ ଚିନ୍ମୟୀଙ୍କୁ କମିଶନରେଟ୍ ପୋଲିସର ୯ମ ରେଜିଂ ଡେ' ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ପେଶାଲ ପୋଲିସ୍ ଅଫିସର୍‌ର ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଏବେ ସେ ଓଡ଼ିଶା ପୋଲିସର ମହିଳା କର୍ମଚାରୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆତ୍ମରକ୍ଷା କୌଶଳ ଶିକ୍ଷା ପ୍ରଦାନ କରୁଛନ୍ତି। ବାପା କ୍ଷୀରୋଦ କୁମାର ଭୂୟାଁ ଓ ମା' ମଞ୍ଜୁଲତା ଝିଅର ସାହସିକତା ପାଇଁ ବେଶ୍ ଗର୍ବିତ। ଚିନ୍ମୟୀ କହନ୍ତି, 'ପିଲାବେଳୁ ମା' କହିଥିଲା ପରିସ୍ଥିତି ବାଧ୍ୟ କଲେ ଅନ୍ୟକୁ ମାରିକି ଆସିବୁ। ହେଲେ କେବେ ମାଡ ଖାଇ ଆସିବୁନି। ଏଇ କଥା ମତେ ସବୁବେଳେ ସାହସ ଦେଇ ଆସିଛି। ଛୋଟବେଳୁ କିଛି ଭୁଲ ଘଟୁଥିଲେ ମୁଁ ତା'ର ପ୍ରତିବାଦ କରିଆସିଛି। ସବୁବେଳେ ଭାବେ ଯାହା ପୁଅ କରୁଛନ୍ତି, ମୁଁ କାହିଁକି ପାରିବିନି । ତେଣୁ ପୁଅଙ୍କ ପରି ବୁଲେଟ୍ ଚଲାଏ। ଏମିତିକି ମହର୍ଷି କଲେଜରେ ପଢିଲାବେଳେ ପୁଅଙ୍କର ଡେୟାରଡେଭିଲ ଗ୍ରୁପ୍ ଥିଲା। ତାକୁ ଦେଖି ମୁଁ ବି ସେମିତି ଏକ ଗ୍ରୁପ କଲି। ମତେ ଭରସା କରି କିଛି ଝିଅ ଏଥିରେ ଯୋଗ ଦେଲେ। ଏବେ ଆମେ ୧୧ ଜଣ ଝିଅ ବୁଲେଟ୍‌ରେ ପିରାମିଡ ପରି ରହି ସାଧାରଣତନ୍ତ୍ର ଦିବସ ଓ ଗଣତନ୍ତ୍ର ଦିବସରେ ଡେୟାର ଡେଭିଲ ଶୋ' କରୁଛୁ। ଏହାବ୍ୟତୀତ କରାଟେରେ ମୁଁ ଜାତୀୟ ପୁରସ୍କାର ହାସଲ କରିଛି। ଏନ୍‌ସିସି କ୍ୟାଡେଟ ମଧ୍ୟ। ଆଉ ଆର୍‌ଡିସି କ୍ୟାମ୍ପରେ ଓଡ଼ିଶାର ପ୍ରତିନିଧିତ୍ୱ କରୁଥିଲି। ସେଥିରେ ଶୁଟିଂ ଓ ଫ୍ଲାଇଂରେ ମେଡାଲ ପାଇବା ସହ ଡ୍ରିଲ୍‌ର କଣ୍ଟିଜେଣ୍ଟ କମାଣ୍ଡର ଥିଲି।

## ସାହସୀ ପ୍ରୀତିସ୍ମିତା ପାଲଟିଲେ ଦେବଦୂତ

ଫନୀର ଭୟାବହତା କେତେ ଥିଲା ସାରା ଓଡ଼ିଶାବାସୀ ଅନୁଭବ କରିସାରିଛନ୍ତି। ଏହା ପୂର୍ବରୁ ପାଣିପାଗ ବିଭାଗ ଓ ସରକାରଙ୍କ ତରଫରୁ ଫନୀର ଭୟାବହତା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ସତର୍କ କରାଯାଉଥିଲା। ହେଲେ କେନ୍ଦ୍ରାପଡା ଜିଲାର କିଛି ଉପାନ୍ତ ଅଞ୍ଚଳର ଲୋକ ଏହା ସମ୍ପର୍କରେ ନ ଥିଲେ ସେତେଟା ସଚେତନ। ହେଡକ୍ୱାର୍ଟରରୁ ଅର୍ଡର ଆସିବାମାତ୍ରେ ଉକ୍ତ ଜିଲାର ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏଥିରେ ଜଣେ ମହିଳା କନଷ୍ଟେବଲ ଏଭଳି ସାହସିକତାର ସହ ଲୋକଙ୍କୁ ସାହାଯ୍ୟ କଲେ ଯେ, ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣର କେନ୍ଦ୍ର ସାଜିଥିଲେ। ଆଉ ପାଲଟିଗଲେ ହିରୋ। ସେ ହେଉଛନ୍ତି ପ୍ରୀତିସ୍ମିତା ପରିଡ଼ା। ୨୪ ବର୍ଷୀୟା ପ୍ରୀତିସ୍ମିତା କହନ୍ତି, 'ଅର୍ଡର ଆସିବା ମାତ୍ରେ ଆମେ ଗ୍ରୁପ୍ ହୋଇ ପୋଲିସ୍ ଗାଡିରେ ବିଭିନ୍ନ ଉପାନ୍ତ ଅଞ୍ଚଳକୁ ଯାଇଥିଲୁ। ହେଲେ କିଛି ସ୍ଥାନ ଏମିତି ଥିଲା ଯେଉଁଠି ଚାରିଚକିଆ ଗାଡି ନେବା ସମ୍ଭବ ନ ଥିଲା। ତେଣୁ ମୁଁ ଚାଲି ଚାଲି ସେହି ଗାଁକୁ ଯାଇଥିଲି। କିଛି ଲୋକ ତ ଘର, ଗାଁ ଛାଡି ଆସିବାକୁ ପ୍ରସ୍ତୁତ ନ ଥିଲେ ତାଙ୍କୁ ଅନେକ ବୁଝାଇବାକୁ ପଡ଼ିଥିଲା। ରାଜି ହେବା ପରେ ଆଶ୍ରୟସ୍ଥଳକୁ କେମିତି ନେବି ଭାବି ସେଠାକାର ଜଣେ ବ୍ୟକ୍ତିଙ୍କ ବାଇକ୍ ମାଗିଥିଲି। ବହୁ ବର୍ଷ ପୂର୍ବେ ବାଇକ୍ ଶିଖି କିଛିଦିନ ଚଲେଇଥିଲି। ହେଲେ ତା'ପରଠାରୁ କେବେ ଚଲେଇ ନ ଥିଲି। ସବୁବେଳେ ସ୍କୁଟି ହିଁ ଚଲାଉଥିଲି। କିନ୍ତୁ ସେହି ସମୟରେ ମୋ ମନରେ ଏକ ପ୍ରକାରର ଜୋଶ୍ ଭରିଯାଇଥିଲା। ଆଉ ସାହସ କରି ବାଇକ୍‌ରେ ଏକାଥରେ ଦୁଇଜଣଙ୍କୁ ବସାଇ କାଦୁଅ, ଖସଡା ଓ ବିଲର ହିଡ ରାସ୍ତାରେ ଚଲାଇ ବାତ୍ୟା ଆଶ୍ରୟସ୍ଥଳରେ ପହଞ୍ଚାଇଥିଲି। ଥରେ ନେବା ପରେ ମନରେ ସାହସ ଭରି ଯାଇଥିଲା। ମହିଳା, ଶିଶୁ, ବୃଦ୍ଧବୃଦ୍ଧାଙ୍କ ସହ ୩ ଜଣ ଗର୍ଭବତୀଙ୍କୁ ବି ଆଶ୍ରୟସ୍ଥଳରେ ଛାଡିଲି। ମେ'୧ରୁ ୩ ତାରିଖ ଭିତରେ ତାଳଚୁଆ, ରଙ୍ଗଣୀ, ଖସମୁଣ୍ଡା, ପଟାପାରିଆ, ବାଘମାରି, ମଞ୍ଜୁଳାପାଲ୍ଲୀ, ଦୋଳସାହି, କେରୁଆପାଲା ଭଳି ଉପାନ୍ତ ଗାଁରୁ ପ୍ରାୟ ୩୦୦ଜଣଙ୍କୁ ସୁରକ୍ଷିତ ସ୍ଥାନରେ ଛାଡ଼ିଥିଲି। ଫନୀ ପୂର୍ବ ସନ୍ଧ୍ୟାରେ ତ ପବନ ସାଙ୍ଗକୁ ବର୍ଷା ବି ଆରମ୍ଭ ହୋଇଯାଇଥାଏ। ତଥାପି ସ୍ଥାନାନ୍ତର କାର୍ଯ୍ୟ ଜାରି ରଖିଥିଲି।' ପ୍ରୀତିସ୍ମିତାଙ୍କ ଏହି ସାହସିକତାର କାର୍ଯ୍ୟ କରୁଥିବା ସମୟର ଫଟୋ ସୋସିଆଲ ମିଡିଆରେ ଛାଇ ଯାଇଥିଲା। ଆଉ ଗଣମାଧ୍ୟମରେ ତାଙ୍କ ସାହସିକତାର କାର୍ଯ୍ୟକୁ ଭୁରି ଭୁରି ପ୍ରଶଂସା କରାଯାଇଥିଲା। ଫଳରେ ସେ ପାଲଟିଗଲେ ସମସ୍ତଙ୍କ ଆଦର୍ଶ।

## କାଠମାଫିଆଙ୍କ ସହିତ ଏକାକୀ ଲଢ଼ିଥିଲେ ପଦ୍ମାବତୀ

ଜଣେ କି ଦୁଇ ଜଣ ନୁହନ୍ତି,୮ ଜଣ କାଠମାଫିଆଙ୍କ ସହିତ ଏକାକୀ ଲଢ଼ିଥିଲେ ଜଣେ ମହିଳା ବନ କର୍ମଚାରୀ। ମାଫିଆମାନେ ତାଙ୍କୁ ଘେରାଉ କରି ଡରାଇବା ସହ ଧମକ ଚମକ ଦେଇଥିଲେ। ହେଲେ ସେ ନ ଡରି ସାହସର ସହ ସେମାନଙ୍କୁ ସାମ୍ନା କରିଥିଲେ। ଆଉ ତାଙ୍କ ସାହସ ଦେଖି କାଠମାଫିଆମାନେ ଶେଷରେ ଡରି ପଳାଇଥିଲେ। ଘଟଣାଟି ଘଟିଥିଲା ମୟୂରଭଞ୍ଜ ଜିଲା ବାରିପଦା ସହର ଉପକଣ୍ଠ ଲକ୍ଷ୍ମୀପୋଷି ଅଞ୍ଚଳରେ। ଆଉ ସେହି ସାହସୀ ମହିଳା ଜଣକ ହେଉଛନ୍ତି ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଧୀନ ବେତନଟି ବନାଞ୍ଚଳର ମହିଳା ବନ କର୍ମଚାରୀ ପଦ୍ମାବତୀ ବେହେରା। ସେଦିନର ଘଟଣା ସମ୍ପର୍କରେ ପଦ୍ମାବତୀ କହନ୍ତି,'୨୦୧୮ ଅକ୍ଟୋବର ୧୬ ତାରିଖର ଘଟଣା। ସ୍କୁଟି ଯୋଗେ ମୁଁ ବାରିପଦା ସହର ଉପକଣ୍ଠସ୍ଥ ଲକ୍ଷ୍ମୀପୋଷି ଅଞ୍ଚଳକୁ ଏକ ବ୍ୟକ୍ତିଗତ କାର୍ଯ୍ୟରେ ଯାଉଥାଏ। ସେହି ସମୟରେ ଏକ ପିକଅପ ଗାଡି ଦ୍ରୁତ ଗତିରେ ମତେ ଅତିକ୍ରମ କରି ଆଗକୁ ବଢୁଥିଲା। ମତେ ସନ୍ଦେହ ହେଲା। ତେଣୁ ସେହି ଗାଡିକୁ ପିଛା କଲି। ଆଉ ଦ୍ରୁତ ବେଗରେ ଯାଇ ମୋ ସ୍କୁଟିକୁ ଉକ୍ତ ପିକଅପ ଗାଡି ଆଗରେ ରଖି ସେମାନଙ୍କୁ ଅଟକାଇଲି। ସ୍କୁଟିରୁ ଓହ୍ଲାଇ ପିକଅପ ଗାଡି ପଛକୁ ଆସି ଦେଖିଲି ଯେ ଗାଡିରେ ମୂଲ୍ୟବାନ କାଠ ଅଛି। ଏହା ଦେଖି ଗାଡିରେ ଥିବା ପ୍ରାୟ ୮ ଜଣ କାଠ ମାଫିଆ ଓହ୍ଲାଇ ମତେ ଘେରିଗଲେ। ସେମାନଙ୍କୁ ନ ଡରି ଗାଡିର କାଗଜପତ୍ର ଓ କାଠ ଚାଲାଣ ସମ୍ପର୍କିତ କାଗଜପତ୍ର ଦେଖାଇବାକୁ କହିଥିଲି। ହେଲେ ସେମାନେ ଧମକ ଚମକ ଦେଇ ଏହି ମାମଲାରେ ମୁଣ୍ଡ ନ ପୂରାଇ ସେଠାରୁ ଚୁପଚାପ ଚାଲି ଯିବାକୁ ଧମକାଇଥିଲେ। କିନ୍ତୁ ସେଥିରେ ନ ଡରି ସେମାନଙ୍କୁ ସାମ୍ନା କରିଥିଲି। ଫୋନ କରି ପିଠାବଟା କାର୍ଯ୍ୟାଳୟକୁ ଖବର ଦେଇଥିଲି। ଏହାଦେଖି କାଠ ମାଫିଆମାନେ ଡରିଯାଇ ଦୌଡି ଖସି ପଳେଇଲେ। ଏହା ପରେ ପିଠାବଟାର ଅଧିକାରୀ ଲକ୍ଷ୍ମୀଧର ବେହେରା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କାଠ ବୋଝେଇ ଗାଡିକୁ ଜବତ କଲେ।' ବେତନଟି ବନାଞ୍ଚଳର କର୍ମଚାରୀ ହୋଇଥିଲେ ସୁଦ୍ଧା ଅନ୍ୟ ବନାଞ୍ଚଳରେ ହେଉଥିବା ବେଆଇନ କାଠ ଚାଲାଣକୁ ନିଜ ଦାୟିତ୍ୱ ଭାବି ଧରିବାରେ ସକ୍ଷମ ହୋଇଥିବା ପଦ୍ମାବତୀଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଥିଲା। ନିକଟରେ ସେ ବିଭାଗୀୟ ପଦୋନ୍ନତି ପାଇ ବାରିପଦା ବନଖଣ୍ଡ ପିଠାବଟା ବନାଞ୍ଚଳ ଅଧୀନ ବାଲଡିହାରେ ଫରେଷ୍ଟର ଭାବେ କାର୍ଯ୍ୟ କରୁଛନ୍ତି।

## ରୋଡ ରୋମିଓକୁ ମାରି କଲାର ଧରି ରାସ୍ତାରେ ଚଲାଇ ଚଲାଇ ନେଲେ

ବଲାଙ୍ଗୀର ସହର ସାଲେପାଲିର ୨୧ ବର୍ଷୀୟା ଶର୍ମିଷ୍ଠା ମିଶ୍ର ଏବେ ଜଣେ ସାହସୀ ଝିଅ ଭାବେ ପରିଚିତ । ତାଙ୍କ ସାହସ ପାଇଁ ବଲାଙ୍ଗୀର ଏସପି ସନ୍ଦୀପ ମାଡକର ତାଙ୍କୁ ପ୍ରଶଂସା ପତ୍ର ଦେଇ ସମ୍ମାନିତ ମଧ୍ୟ କରିଛନ୍ତି । ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ବିଏସ୍‌ସି ଶେଷବର୍ଷ ଛାତ୍ରୀ


ପଦ୍ମାବତୀ

ଭାବେ ଅଧ୍ୟୟନ କରନ୍ତି ଶର୍ମିଷ୍ଠା । ତାଙ୍କ ଦୁଇ ସାନ ଭଉଣୀ ଲିଟିଷ୍ଠା ଓ ଶ୍ରୁତିଷ୍ଠା ନବମ ଶ୍ରେଣୀର ଛାତ୍ରୀ। ବାପା ସୁଶୀଳ ମିଶ୍ର ଜଣେ ପୂଜକ । କିଛି ବର୍ଷ ପୂର୍ବରୁ ମା' ଜ୍ୟୋତ୍ସ୍ନାମୟୀ ମିଶ୍ରଙ୍କ ପରଲୋକ ହୋଇସାରିଛି । ଘରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଶର୍ମିଷ୍ଠା ଟ୍ୟୁସନ୍ କରି ନିଜ ପଢ଼ା ଖର୍ଚ୍ଚ ସହ ଦୁଇଭଉଣୀଙ୍କୁ ବି ସହଯୋଗ କରନ୍ତି । ତେବେ ଦିନେ ସେ ଶୁଣିଲେ ଯେ, ଦୁଇ ସାନ ଭଉଣୀ ଓ ତାଙ୍କ ସହପାଠିନୀମାନେ ସ୍କୁଲ ଗଲାବେଳେ କିଛି ବଦ୍‌ମାସ ଯୁବକ ସେମାନଙ୍କୁ କମେଣ୍ଟ ମାରି ହଇରାଣ କରୁଛନ୍ତି । ଏହା ଶୁଣିବା ପରେ ତାଙ୍କ ବାପା ନିଜେ କିଛି ଦିନ ଝିଅମାନଙ୍କୁ ସ୍କୁଲ ନେବା ଆଣିବା କଲେ । ମାତ୍ର ଯେଉଁଦିନ ସ୍କୁଲ ନେବା ଆଣିବା କରିପାରିଲେ ନାହିଁ ସେମାନଙ୍କ ସ୍କୁଲ ଯିବା ବନ୍ଦ ହୋଇଯାଉଥିଲା । ଗତ ୨୬ ତାରିଖ ଦିନ ଦୁଇ ଭଉଣୀ ଲିଟିଷ୍ଠା ଓ ଶ୍ରୁତିଷ୍ଠା ତାଙ୍କ ସହପାଠିନୀଙ୍କ ସହ ସ୍କୁଲ ଛୁଟି ପରେ ଘରକୁ ଫେରୁଥିବାବେଳେ ପୁଣି ଥରେ ରୋଡ୍ ରୋମିଓ ରଘୁନାଥ ଠାକୁର ଓ ତା' ସାଥୀମାନେ କମେଣ୍ଟ ମାରି ହଇରାଣ କଲେ । ଏହା ପରଦିନ ଖୋଦ୍ ବଡଭଉଣୀ ଶର୍ମିଷ୍ଠା ସ୍କୁଲ ଛୁଟି ପରେ ଦୁଇ ଭଉଣୀଙ୍କ ପଛେ ପଛେ ଫେରିଲେ । ସବୁଦିନ ଭଳି ସେଦିନ ମଧ୍ୟ ରୋଡ୍ ରୋମିଓ ରଘୁନାଥ ଓ ତାଙ୍କ ସହଯୋଗୀମାନେ ସର୍କିଟ ହାଉସ ରାସ୍ତାରେ ଦୁଇ ଭଉଣୀଙ୍କ ସହ ଅନ୍ୟ ଛାତ୍ରୀମାନଙ୍କୁ କମେଣ୍ଟ ମାରିଲେ । ଏହା ଦେଖି ଶର୍ମିଷ୍ଠା ସହି ନ ପାରି ସିଧା ଦୌଡି ଯାଇ ବିଚ୍ ରାସ୍ତାରେ ରଘୁନାଥଙ୍କୁ ଉତ୍ତମ ମଧ୍ୟମ ଦେବା ସହ କାବୁ କରିନେଲେ । ଏହାଦେଖି ତାଙ୍କ ସହଯୋଗୀମାନେ ଛତ୍ରଭଙ୍ଗ ଦେଇ ଫେରାର ହୋଇଗଲେ । ସେଠାରୁ ଶର୍ମିଷ୍ଠା ରଘୁନାଥଙ୍କୁ କାବୁ କରି କାଲର୍ ଧରି ପ୍ରାୟ ୧ କିଲୋମିଟର ଦୂର ମୁଖ୍ୟ ରାସ୍ତାରେ ଚଲାଇ ଚଲାଇ ଆଣି ଟାଉନ୍ ଥାନାରେ ଜିମା ଦେଲେ । ଏହି ଘଟଣାକୁ ସେଦିନ ସହରର ଲୋକମାନେ ଦେଖିଥିଲେ । ଆଉ ତାଙ୍କ ସାହସକୁ ଭୁରି ଭୁରି ପ୍ରଶଂସା କଲେ । ବିଧିବଦ୍ଧ ଭାବେ ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତକୁ କୋର୍ଟ ଚାଲାଣ କରି ଜେଲ ପଠାଇଲା । ଶର୍ମିଷ୍ଠାଙ୍କ ଏଭଳି ସାହସିକ କାର୍ଯ୍ୟକୁ ବଲାଙ୍ଗୀର ଏସପି ସନ୍ଦୀପ ମାଡକର ପ୍ରଶଂସା କରିବା ସହ ଜିଲା ପୋଲିସ କାର୍ଯ୍ୟାଳୟକୁ ଡାକି ତାଙ୍କୁ ପ୍ରଶଂସା ପତ୍ର ଦେଲେ ।

ନାରୀର ନିରବତା, ବୁଝାଏନା ଦୁର୍ବଳତାକୁ। ଯେବେ ସହିବାର ସବୁ ସୀମା ଟପିଯାଏ ସେ ନେଇପାରେ ମା' ଦୁର୍ଗାଙ୍କ ରୂପ । ଆଉ ଅନ୍ୟାୟ, ଅତ୍ୟାଚାରକୁ କରିପାରେ ସମୂଳେ ବିନାଶ। ଯାହାକୁ ପ୍ରମାଣିତ କରିଆସିଛନ୍ତି ଅନେକ ଦୁଃସାହସୀ ମହିଳା।

**-ଶିବାନୀ ମହାନ୍ତି**

**ସହାୟତା-ରବି ନାରାୟଣ ଚାଲାଣ, ଭାସ୍କର ରାଉତରାୟ, ବୀରେନ୍ଦ୍ର ଝାଙ୍କର, ତ୍ରିନାଥ ମହାନ୍ତି**


ଶର୍ମିଷ୍ଠା

# ମା'ଙ୍କ ଆଗମନୀରେ...



## ଦେବୀ

–ଦିଲୀପ କୁମାର ତ୍ରିପାଠୀ

ସ୍ତ୍ରୀ ଟିଏ, ମା' ଟିଏ
ହେଲେ ଦୁର୍ବଳା ନୁହଁ,
ଅଣ୍ଟା ଭିଡ଼ିଲେ ଚାଲେ ସଂସାର
ଅସ୍ତ୍ର ଉଠେଇଲେ ମାରେ ଅସୁର।

କାହାର ନାଲିଆଖିରେ
ଭରିଯାଏନି ତା' ଆଖି ଲୁହରେ ,
ବରଂ ଆଖି ହୁଏ ଆହୁରି
ଲାଲ୍, ଆହୁରି ବଡ଼
ଆଉ ପାଲଟା ପ୍ରହାର କରେ
ଆଠ ହାତରେ।

ଆଞ୍ଜୁଳା, ଆଞ୍ଜୁଳା ସାହସ
ଆଣି ଭରିଦିଏ
ସେଇ ନିନାଦିନୀ ଦେବୀମାନଙ୍କ
ଛାତିରେ
କରିବାକୁ ଅପ୍ରଧୃଷ୍ୟା, ଅପ୍ରମତ୍ତା ;
ଶକ୍ତିଦିଏ ସେମାନଙ୍କୁ ଆହୁରି
ଲମ୍ବା, ଆହୁରି ସ୍ପଷ୍ଟ
ଟାଣିବା ପାଇଁ ନିଜ ଭାଗ୍ୟ–ରେଖା,
ହେବାକୁ ନିଜେ ନିଜର
ଭାଗ୍ୟ–ବିଧାତା।

*–ଢେଙ୍କାନାଳ, ପରଜଙ୍ଗ*

## କାଶତଣ୍ଡୀ

– ଭରତ ଚନ୍ଦ୍ର ଦାଶ

ପାର୍ବଣର
ପେଏଁକାଳି ବାଜିବା ପୂର୍ବରୁ
କାଶତଣ୍ଡୀ ନିଜକୁ ସଜାଇଲାଣି
ଶୁଭ୍ରବସ୍ତ୍ର ପରିବୃତ୍ତା
ନବଯୌବନା କାମିନୀ ସେ
କାମଜୀଣା ରୂପରେ
ଦୋହଲୁଛି ନା
ନତମସ୍ତକରେ
ହଁ ନାର ଦୋ'ଛକି ରାସ୍ତାରେ
ସେ ଆହ୍ୱାନ କରୁଛି ଶରତକୁ
ଶିଶିରମୁକ୍ତା ପରି ଝରିପଡୁଛି
ଅଶିଣର ଝର ପ୍ରଭାତରେ
ଶୁଭ୍ର ତନୁ ରୂପଶ୍ରୀର ମନଲୋଭା
କାଶତଣ୍ଡି ହସ
ସ୍ପର୍ଦ୍ଧିତ ଛାତିରେ ଲେଖାଅଛି
ନିବେଦନ ପତ୍ର
ଯାହା ହୃଦୟେ ପବିତ୍ର
ପ୍ରୀତି ଆମନ୍ତ୍ରଣ ଯିବ
ମାତୃପୁରେ
ମା'ର ଆଗମନ ପାଇଁ
ଅପୂର୍ବ ଅନନ୍ୟ ଅପରୂପ
ତା'ର ପ୍ରସ୍ତୁତିର ପର୍ବ

କାଶତଣ୍ଡି
ନୁହେଁ ତରୁ, ନୁହେଁ ତୃଣ
ଶୁଭ୍ରତାର ଏକ ନମ୍ର ଆଭୂଷଣ
କାଶତଣ୍ଡୀ
ସପ୍ତଚଣ୍ଡୀ ଶ୍ଳୋକ ପରି
ଅଶିଣର ମାତୃ ଆବାହନ
ପ୍ରାତଃ ଉଚ୍ଚାରଣ ।

*– ମାର୍କୋଣା, ବାଲେଶ୍ୱର*

---

## ପାର୍ବଣର ଲଗ୍ନ

–ଡା. ସରୋଜିନୀ ଷଡ଼ଙ୍ଗୀ

ଆଜି ଆନନ୍ଦର ଏଇ
ମଧୁରତମ ଋତୁରେ
ଚାରିଆଡ଼େ ପାର୍ବଣର
ମଧୁଗୁଞ୍ଜରଣ।
ଶରତର ଶୁଭ୍ରତାରେ ଭିଜିଭିଜି
ନଇପଠା ଧାରେ ଧାରେ
ଫୁଟିଯାଏ କାଶତଣ୍ଡୀ ଫୁଲର
ଫୁଆରା
ପାର୍ବଣର ପରମ ଲଗ୍ନରେ
ଓହ୍ଲାଇବେ ମା' ଦୁର୍ଗା
ଶକ୍ତିମୟୀ, ଆତ୍ମସ୍ୱରୂପିଣୀ
ତ୍ରିଶୂଳରେ ନାଶ କରି
ଅନ୍ୟାୟ ଓ ଅସତ୍ୟର
ମହିଷ ଅସୁର
ଦିବ୍ୟ ଏକ ଆଲୋକରେ
ଭରିଦେବେ ଏ ଧରାର ସବୁ
ଶୂନ୍ୟସ୍ଥାନ।

*–ଲିଙ୍କ୍‌ରୋଡ, କଟକ–୧୨*

## ତୁମେ

–ଡ. କିଶୋର ମହାନ୍ତି

ଶବ୍ଦରେ ତୁମେ !
ବ୍ରହ୍ମରେ ତୁମେ !
ବର୍ଣ୍ଣରେ ତୁମେ,
ବିଭାରେ ତୁମେ
କାମାଗ୍ନି ତୁମେ
କାମନାସକ୍ତ ତୁମେ !
କାମିନୀ କାଞ୍ଚନ ତୁମେ,

ଭସ୍ମରେ ତୁମେ
ଅଗ୍ନିରେ ତୁମେ
ଧ୍ୱନିରେ ତୁମେ
ସୃଷ୍ଟିରେ ତୁମେ
ସ୍ରଷ୍ଟା ତୁମେ
ଲୟରେ ତୁମେ
ବିଲୟରେ ତୁମେ
ଉମାରେ ତୁମେ
ଆକାଶରେ ତୁମେ
ପ୍ରଳୟରେ ତୁମେ
ପ୍ରଣୟରେ ତୁମେ
ବିରହରେ ତୁମେ ବିଚ୍ଛେଦରେ ତୁମେ
ଲୁହରେ ତୁମେ ହସରେ ତୁମେ
ସବୁଠି ସଚାରରେ ତୁମେ।


*–ଇ–୫୦, ସେକ୍ଟର ୭,*
*ସିଡିଏ, କଟକ–୧୪*


# ଚନ୍ଦ୍ରଶେଖର କମ୍ବର





ଭାରତୀୟ ସାହିତ୍ୟରେ ନାଟ୍ୟ ପରମ୍ପରାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଉ ସେହି ଭୂମିକା ସୁଚାରୁରୂପେ ସମ୍ପାଦନ କରିଛନ୍ତି ପ୍ରସିଦ୍ଧ ନାଟ୍ୟ ସ୍ରଷ୍ଟାମାନେ। ସେହି ନାଟ୍ୟସ୍ରଷ୍ଟାମାନଙ୍କ ମଧ୍ୟରୁ ଚନ୍ଦ୍ରଶେଖର କମ୍ବର ହେଉଛନ୍ତି ଅନ୍ୟତମ। କନ୍ନଡ଼ ଭାଷାର ଏହି ପ୍ରସିଦ୍ଧ ସ୍ରଷ୍ଟାଙ୍କୁ ଭାରତୀୟ ସାହିତ୍ୟର ଜଣେ ଅଗ୍ରଣୀ ନାୟକ ବୋଲି କୁହାଯାଇଥାଏ। କମ୍ବର ଥିଲେ ଜଣେ ବହୁମୁଖୀ ପ୍ରତିଭା। ସେ ଏକାଧାରରେ ଥିଲେ ଜଣେ କବି, ନାଟ୍ୟକାର, ଲୋକଗଳ୍ପ ଲେଖକ, ଫିଲ୍ମ ନିର୍ଦ୍ଦେଶକ। ହାମ୍ପିଠାରେ ପ୍ରତିଷ୍ଠା ହୋଇଥିବା କନ୍ନଡ଼ ୟୁନିଭର୍ସିଟିର ସେ ଥିଲେ ଫାଉଣ୍ଡର-ଭାଇସ୍-ଚାନ୍ସଲର। ସେ ମଧ୍ୟ ସାହିତ୍ୟ ଏକାଡେମୀର ଅଧ୍ୟକ୍ଷ ପଦ ତୁଲାଇଥିଲେ। ଏ ସବୁକୁ ବାଦ୍ ଦେଲେ ତାଙ୍କର ଆଉ ଏକ ବିଶେଷ ପରିଚୟ – ସେ ହେଉଛନ୍ତି ଜଣେ ଭାଷାବିତ୍। ଉତ୍ତର କର୍ନାଟକର କଥିତ ଭାଷା (ଡାଏଲେକ୍ଟ) ସବୁକୁ ନିଜର ସୃଷ୍ଟି ସର୍ଜନାରେ ବ୍ୟବହାର କରି ସେ ତାଙ୍କର ସମସାମୟିକଙ୍କ ପାଇଁ ଏକ ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ। ସେଥିପାଇଁ ତାଙ୍କୁ କନ୍ନଡ଼ ସାହିତ୍ୟର ପାଠକମାନେ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଥାନ୍ତି। ତାଙ୍କର କବିତା ହେଉ କି ନାଟକ ସବୁଥିରେ ପାଠକମାନେ କନ୍ନଡ଼ର ମୂଳଭାଷା ସହିତ କର୍ନାଟକୀ କଥିତ ଭାଷାର ଏକ ସୁମଧୁର କକ୍‌ଟେଲ୍ ଅନୁଭବ କରିଥାନ୍ତି।

**ପୁରାଣରୁ ଆଧୁନିକତା:** କମ୍ବର ତାଙ୍କ ସାହିତ୍ୟ ପାଇଁ ସବୁଠି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ପାଠକମାନେ ତାଙ୍କ ସାହିତ୍ୟରେ ପାଆନ୍ତି ଆଧୁନିକ ମଣିଷର କଥା ଓ ବ୍ୟଥା। ପୁଣି କମ୍ବର ଅତ୍ୟନ୍ତ କୁଶଳତାର ସହିତ ଲୋକକଥା ଓ ପୁରାଣ କାହାଣୀ ସବୁକୁ ନେଇ ସେଥିରେ ଆଧୁନିକ ମଣିଷର ଜୀବନଶୈଳୀକୁ ସାମିଲ କରିଛନ୍ତି। ନାଟକ ପାଇଁ ସେ ବିଶେଷ ଭାବେ ପୁରାଣ ତଥା କିମ୍ବଦନ୍ତୀକୁ ଗ୍ରହଣ କରିଥିବା ବେଳେ କବିତାରେ ସେ ବଦଳୁଥିବା ମଣିଷର ଜୀବନଶୈଳୀକୁ ବିଶେଷ ଭାବେ ପ୍ରାଧାନ୍ୟ ଦେଇଛନ୍ତି। ଫଳରେ ଗୋଟିଏ ନୂତନ ଚିନ୍ତାଧାରାର ସାହିତ୍ୟ ସୃଷ୍ଟି ହୋଇଛି। ଆଉ ସେହି ସାହିତ୍ୟର ଶୀର୍ଷକ ସାଜିଛନ୍ତି କମ୍ବର। ସେ ନାଟକ ଲେଖି ଭାବାବେଗ ସ୍ତରରେ ଯେଉଁ ଆନ୍ଦୋଳନ ସୃଷ୍ଟି କରିଛନ୍ତି ସେଥିଲାଗି ତାଙ୍କୁ ସମଗ୍ର ଭାରତ ବର୍ଷରେ ଜଣେ ଅଗ୍ରଣୀ ନାଟ୍ୟକାର ଭାବେ ସମ୍ମାନ ଦିଆଯାଏ। କେବଳ କନ୍ନଡ଼ ସାହିତ୍ୟକୁ ନୁହେଁ; ଅଧିକନ୍ତୁ ଭାରତର ବହୁ ଆଞ୍ଚଳିକ ଭାଷାର ନାଟ୍ୟ ସାହିତ୍ୟକୁ ପ୍ରଭାବିତ କରିଛନ୍ତି।






**ପ୍ରାଥମିକ ଜୀବନ:** ୧୯୩୭, ଜାନୁୟାରୀ ୨ ତାରିଖରେ କର୍ନାଟକର ବେଲଗାଁ ଜିଲାସ୍ଥିତ ଘୋଡ଼ାଗେରି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଚନ୍ଦ୍ରଶେଖର କମ୍ବର। ପରିବାରରେ ସେ ଥିଲେ ସାନପୁଅ। ତାଙ୍କ ଉପରେ ଥିଲେ ଦୁଇଭାଇ – ପରାସାପ୍ପା ଏବଂ ୟାଲେପ୍ପା। ପିଲାଟିବେଳୁ କମ୍ବର ନାଚ, ଗୀତ, ତାମସା ଆଡ଼କୁ ମନ ବଳାଇଥିଲେ। ପୁଣି ପୁରାଣ, ଲୋକକଥା, କିମ୍ବଦନ୍ତୀ ଶୁଣିବାରେ ଆଗ୍ରହ ରଖୁଥିଲେ। ସେହିପରି ଗ୍ରାମରେ ହେଉଥିବା ପର୍ବପର୍ବାଣି ଆଦି ସାଂସ୍କୃତିକ କାର୍ଯ୍ୟ ପ୍ରତି ତାଙ୍କର ବିଶେଷ ଭାବେ ରୁଚି ରହିଥିଲା। ବାଲ୍ୟକାଳର ସେହି ଅଭ୍ୟାସ ବଡ଼ଦିନେ ତାଙ୍କର କାମରେ ଆସିଲା। ଅର୍ଥାତ୍ ସେ ଯେଉଁ ସାହିତ୍ୟ ସୃଷ୍ଟିକଲେ ସେଥିରେ ବାଲ୍ୟକାଳର ସ୍ମୃତିସବୁ ବିଶେଷ ଭାବରେ ପ୍ରତିଭାତ ହୋଇ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଆଣିଦେଲା। ପିଲାଟିବେଳୁ କମ୍ବର ଥିଲେ ଜଣେ ଆଗ୍ରହୀ ପାଠକ। କୁମାରା ବ୍ୟାସ, ବାସବ, କୁଭେମ୍ପୁ ଏବଂ ଗୋପାଲକ୍ରିଷ୍ଣ ଆଡ଼ିଗା ଆଦି ତାଙ୍କର ପ୍ରିୟ କନ୍ନଡ଼ ଲେଖକ ହୋଇଥିବା ବେଳେ ଡବ୍ଲୁ ବି ଇଟ୍‌ସ, ୱିଲିୟମ୍ ସେକ୍ସପିୟର ତଥା ଫେଡେରିକୋ ଗାର୍ସିଆ ଲୋର୍କା ଆଦି ଥିଲେ ତାଙ୍କର ଅତିପ୍ରିୟ ବିଦେଶୀ ଲେଖକ।

**ସୃଷ୍ଟି ଓ ସର୍ଜନା:** କମ୍ବରଙ୍କ ନାମରେ ରହିଛି ଏକାଧିକ ଲୋକପ୍ରିୟ ସୃଷ୍ଟିର ତାଲିକା। ସେ ୨୫ଟି ନାଟକ ଲେଖିଥିବା ବେଳେ ତାଙ୍କର ୧୧ଟି କବିତା ସଂକଳନ ପ୍ରକାଶିତ ହୋଇଛି। ସେହିଭଳି ଅଦ୍ୟାବଧି ସେ ପାଞ୍ଚଟି ଉପନ୍ୟାସ ଲେଖିବା ସହିତ ୧୬ଟି ଗବେଷଣାଲବ୍ଧ ପ୍ରବନ୍ଧ ପୁସ୍ତକ ଏବଂ ଏକାଧିକ ପାଠ୍ୟପୁସ୍ତକ, ଥିଏଟର ପୁସ୍ତିକା ରଚନା କରିଛନ୍ତି। ତାଙ୍କର ପ୍ରସିଦ୍ଧ ନାଟକ ମଧ୍ୟରେ ରହିଛି 'ଜୁକୁମାରାସ୍ୱାମୀ', 'ଜୟସିଦନାୟକ', 'କାଡୁ କୁଡୁରେ', 'ନୟି କଥା', 'ମହାମାୟୀ', 'ହରକେୟା କୁରି'। 'ସିରିସାମ୍ପିଜେ' ଶୀର୍ଷକ ନାଟକ ପାଇଁ ତାଙ୍କୁ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି।





# ବିଦାୟ ବିନିତା

**–ଡ. ଫକୀର ମୋହନ ନାହାକ**

ବୟସ ଗଡ଼ିଯାଉଥିଲା ବୋଲି ତା'ଘରେ ସମସ୍ତଙ୍କ ଚିନ୍ତା । କାଳିଝିଅ.. ସେଥିପାଇଁ ଯେତେ ବରଘର ପ୍ରସ୍ତାବ ଆସୁଥିଲା, ସବୁ ଭାଙ୍ଗି ଯାଉଥିଲା । ଏପଟେ ଭାଇଭାଉଜ ସହଯୋଗୀ ନୁହନ୍ତି । ତଥାପି ଭାଙ୍ଗିପଡ଼ି ନ ଥିଲା ବିନିତା । କଳା ହେଲେ କ'ଣ ହେଲା, ସବୁଠୁ ସୁନ୍ଦର । ସତେଯେମିତି ଷଠୀବୁଢ଼ୀ ତାକୁ ସବୁଠୁ ଅଧିକ ସମୟ ନେଇ ଗଢ଼ିଥିଲା । କଥାକୁହା ଆଖି, ସଦା ହସହସ ଓଠ, ଆଜାନୁଲମ୍ବିତ କେଶ, ଖଣ୍ଡାଧାର ଭଳି ନାକ ଆଉ ଦାନ୍ତ ତ ମୋତି ଭଳି ଚମକୁଥାଏ । ଅନ୍ୟ ସାଧାରଣ ଝିଅଙ୍କ ହାରାହାରି ଉଚ୍ଚତାଠାରୁ ଡେଙ୍ଗୀ ସିଏ । ମୁଁ ବୁଝିପାରୁ ନ ଥିଲି, ଏମିତି ଏକ ଶ୍ୟାମଳୀ ସୁନ୍ଦରୀକୁ କାହିଁକି କେହି ବାହାହେବାକୁ ରାଜି ହେଉ ନ ଥିଲେ ? କଷ୍ଟେମଷ୍ଟେ ଜମିବାଡ଼ି ବିକି, ଅଧିକ ଯୌତୁକ ଦେଇ ବିନିତାର ବାହାଘର କରାଇଥିଲା ତା ଭାଇ ।

ବହୁଦିନ ପରେ ମୁଁ ଘରକୁ ଯାଇଥାଏ ଛୁଟିରେ । ବିନିତାର ଘର ପାରହେଲେ ଆମ ଘର । ତାଙ୍କ ଦୁଆର ଆଗରେ ବିନିତାକୁ ଦେଖିଲି । ଖୁବ୍ ଖୁସି ଥିଲା ସେ । ନୂଆବୋହୂର ସବୁଛାପ ବାରି ହୋଇପଡୁଥିଲା ତା' ହାବଭାବରୁ । ମୋତେ ଦେଖି ଖୁସି ହୋଇଯାଇଥିଲା । କହିଲା, ତୁ ମୋ ବାହାଘରବେଳେ ଆସିଲୁନି । ଅନ୍ତତଃ ମୋ ଶାଶୁଘର ଗାଁକୁ ଆସ । ମୁଁ ଦେଖୁଥିଲି କେତେ ପ୍ରଗଳ୍ଭ ଥିଲା ବିନିତା । ତା ଆଖିରେ ସ୍ପଷ୍ଟ ଦିଶୁଥିଲା ନୂଆ ସଂସାରକୁ ନେଇ ଭରି ରହିଥିବା ସ୍ୱପ୍ନ ସବୁ । ମୋ ଆଖି ଆଗରେ ନାଚି ଉଠୁଥିଲା ତା'ର ପିଲାଦିନ । ପ୍ରଥମରୁ ସପ୍ତମଶ୍ରେଣୀ ଯାଏଁ ସେ ମୋ ସାଙ୍ଗରେ ପଢ଼ିଛି । ସେତେବେଳେ ବି ସେ ଏମିତି ହିଁ ପ୍ରଗଳ୍ଭ ଥିଲା । ହେଲେ ଏ ପ୍ରଗଳ୍ଭତା ଥିଲା କିଛି ଭିନ୍ନ । ନିଶ୍ଚୟ ତୋ ଘରକୁ ବୁଲିଯିବି କହି ମୁଁ ତାଠୁ ବିଦାୟ ନେଇଥିଲି ।

ଏଥର ବହୁବର୍ଷ ପରେ ପୂଜା ଛୁଟିରେ ମୁଁ ପିଲାମାନଙ୍କୁ ନେଇ ଘରକୁ ଯାଇଥାଏ । ବିନିତାର ଘର ପାର ହେଲା ବେଳେ କାହିଁକି କେଜାଣି ମୋ ପାଦ ଟିକିଏ ଅଟକି ଯାଇଥିଲା । କିଛି ସମୟ ପାଇଁ ମୁଁ ଅନ୍ୟମନସ୍କ ହୋଇଯାଇଥିଲି । ତା'ଘର ଆଗରେ ଦେଖିଲି, ବିନିତାର ଭାଇ ମନଦୁଃଖରେ ବସିଛି । ମୋତେ ଦେଖି କହିଲା, ଆମ ବିନିତା ଆଉ ବଂଚିବ, ସେ ଭରସା ମୋର ନାହିଁ । ପଚାରିଲି କ'ଣ ହେଲା, ଏମିତି କାହିଁକି କହୁଛୁ ? ସେ କହିଚାଲିଲା ..। ବିନିତାର ଶାଶୁଘର ଲୋକେ ତା' ଉପରେ ଅତି ନିର୍ମମ ଅତ୍ୟାଚାର କରିଛନ୍ତି । ପ୍ରଥମେ ଝିଅଟିଏ ଜନ୍ମ ହେଲା ବୋଲି ତା' ଶାଶୁ ଓ ସ୍ୱାମୀ ତାକୁ ଗାଳିଗୁଲଜ କରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଛନ୍ତି । ଗତ ତିନିବର୍ଷ ଭିତରେ ଝିଅ ହିଁ ହେବ ବୋଲି ଜାଣିବା ପରେ ତାକୁ ତିନି ତିନିଥର ଦେଶୀ ଚେରମୂଳି ଔଷଧ ଦେଇ ତା'ର ଗର୍ଭପାତ କରାଇଛନ୍ତି । ଏବେ ବିନିତା ଶଯ୍ୟାଶାୟୀ । କିଛି କରିପାରୁନି । ତା'ର ଚିକିତ୍ସା ବି କରାଉନି ତା'ସ୍ୱାମୀ ।

ଆଉ ଅଧିକ ଶୁଣିବା ପାଇଁ ମୋର ଧୈର୍ଯ୍ୟ ନ ଥିଲା । ମୁଁ ଘରେ ମୁହଁ ମାରିଦେଇ ବାହାରି ଯାଇଥିଲି ବିନିତାର ଶାଶୁଘର ଗାଁକୁ । ତା'ଗାଁରେ ପହଂଚିଲା ବେଳକୁ ମୁହଁସଞ୍ଜ । ମହାନବମୀର ତ୍ରିସନ୍ଧ୍ୟା । ଚାରିଆଡ଼େ ଘଣ୍ଟଘଣ୍ଟାର ଶବ୍ଦ । ଦୂରମଣ୍ଡପରେ ଦେବୀଙ୍କ ପୂଜା ଚାଲିଥାଏ । ଦୁର୍ଗା ସପ୍ତଶତୀ ପାଠ ହେଉଥାଏ । ଏତିକିବେଳେ ବିନିତାର ଘର ଭିତରକୁ ପାଦ ରଖିଥିଲି ମୁଁ । ମୋତେ ଦେଖି ଶେଯ ଉପରୁ ଉଠିବାକୁ ଚେଷ୍ଟା କରୁଥିଲା ବିନିତା । କିନ୍ତୁ ପାରୁ ନ ଥିଲା । ତା ଆଖି ଅଧିକ ଉଜ୍ଜ୍ୱଳ ହୋଇଉଠୁଥିଲା । ସେ କିଛି କହିବାକୁ ଚେଷ୍ଟା କରୁଥିଲା, କିନ୍ତୁ ପାରୁ ନ ଥିଲା । କେବଳ ତା ଆଖିରୁ ବହିଯାଉଥିଲା ଧାର ଧାର ଲୁହ । ମୋତେ ଲାଗୁଥିଲା ତା ନିଜ ଶୀର୍ଣ୍ଣସ୍ୱାସ୍ଥ୍ୟ ପାଇଁ ସେ ଯେତିକି ଦୁଃଖୀ ନ ଥିଲା, ତାଠୁ ଅଧିକ ଦୁଃଖୀ ଥିଲା ତା' ଗର୍ଭରେ ସବୁଦିନ ପାଇଁ ହଜି ଯାଇଥିବା ଅଜନ୍ମା କନ୍ୟାସନ୍ତାନଙ୍କ ପାଇଁ । ହାତଠାରି ମୋତେ ଦେଖାଇଥିଲା ତା' ୫ ବର୍ଷର ଝିଅକୁ । ଗାଁରେ ମହାନବମୀର କୁମାରୀ ପୂଜା ପାଇଁ ତାକୁ ସଜେଇ ଦେଇ ନେଇ ଯାଉଥିଲା ବିନିତାର ସ୍ୱାମୀ । ଆଉ ଏପଟେ ସବୁଦିନ ପାଇଁ ଆଖିବୁଜି ଦେଇଥିଲା ବିନିତା । ମୋ ଆଖି ସାମ୍ନାରେ ଥିଲା କେବଳ ଅନ୍ଧାର ଆଉ କାନରେ ବାଜୁଥିଲା ଦୂରରୁ ଡାକବାଜି ଯନ୍ତ୍ରରେ ଭାସିଆସୁଥିବା ଧ୍ୱନି .. ଯା ଦେବୀ ସର୍ବଭୂତେଷୁ ମାତୃରୂପେଣ ସଂସ୍ଥିତା ...

*–ଆସୋସିଏଟ୍ ପ୍ରଫେସର*
*ୟୁଆଇଏମଏସ୍, ଚଣ୍ଡିଗଡ଼ ୟୁନିଭର୍ସିଟି*
*ମୋହାଲି, ପଞ୍ଜାବ, ପିନ୍–୧୪୦୪୧୩*

# ମହିଷାସୁର ବଧ

**–ଶିବ ମିଶ୍ର**

କଳା ମଚମଚ ମୁଗୁନି ପଥୁରିଆ ନିଦା ଦେହରେ ଖୁନ୍ଦି ହୋଇଥିବା ପ୍ରଚଣ୍ଡବଳ, ରାଜନୀତିଆ ଦଳର ଷ୍ଟାମ୍ପମରା ହାତରେ ମୁଠେଇ ଥିବା ଅଖଣ୍ଡ କ୍ଷମତା, ଆପଣା ଭିତରେ ଡଙ୍କେଇ ଥିବା କୁତ୍ସିତ କଦର୍ଯ୍ୟ ମନରେ ଲେସି ହୋଇଥିବା ଅହଂକାରକୁ ସାଂଗରେ ନେଇ ସିଏ ମର୍ତ୍ତ୍ୟ ଆଉ ପାତାଳ ଜୟ କରିଥିଲେ । ବାକି ଥିଲା ସ୍ୱର୍ଗପୁର । ସେଥିପାଇଁ ଆଶ୍ୱିନ ମାସରେ ଶକ୍ତି ପ୍ରଦାୟିନୀ ଜଗତ୍ ଜନନୀ ମାଆ ଦୁର୍ଗା ଦେବୀଙ୍କର ପୂଜା କରିବାକୁ ହେବବୋଲି ଜଣେ ଜ୍ୟୋତିଷ ପଣ୍ଡିତ ପରାମର୍ଶ ଦେବାରୁ ସିଏ ଏଥିପାଇଁ ଆଂଗୁଠି ଦେଖାଇ ଏଠୁ ସେଠୁ ପ୍ରଚୁର ଚାନ୍ଦା ଆଦାୟ କଲେ । ତାଂକ କର୍ତ୍ତୃତ୍ୱରେ ମହା ଆଡମ୍ବରରେ ଦୁର୍ଗାପୂଜା ଉତ୍ସବ ଆରମ୍ଭ ହେଲା ।

ମହାନବମୀ ରାତିରେ ମହିଷାସୁର ବଧ ନାଟକ ମଂଚସ୍ଥ ହେଲା ବେଳେ, ସିଏ କର୍ତ୍ତା ହୋଇଥିବାରୁ ନାଟ ମଂଚକୁ ଲାଗି ତାଙ୍କ ପାଇଁ ଆସନ ବ୍ୟବସ୍ଥା କରାଗଲା । ନାଟକ ଚାଲିଥିବା ବେଳେ ସେ ଥରକୁ ଥର ମଂଚ ଉପରକୁ ଯାଇ ଅଭିନେତା, ଅଭିନେତ୍ରୀମାନଙ୍କର ଫଟୋ ଉଠାଉଥିଲେ । ମହିଷାସୁରକୁ ସମ୍ମୋହିତ କରିବା ପାଇଁ ଦୁର୍ଗା ଦେବୀ ନିଜକୁ ବିବସ୍ତ୍ର କରୁଥିବା ଦେଖି ଏହି କର୍ତ୍ତା ମଂଚ ଉପରକୁ ଯାଇ ଫଟୋ ଉଠାଇବାରେ ଲାଗିଲେ । ଦେବୀ– ଦାନବ ରାଜାକୁ ବଧ କରିବାପାଇଁ ତ୍ରିଶୂଳ ଉଠାଇଲା ବେଳେ ହଠାତ୍ ବିଦ୍ୟୁତ ସରବରାହ ବନ୍ଦ ହୋଇଯିବାରୁ ମଂଚ ଅନ୍ଧାର ହୋଇଗଲା । ପରେ ପରେ ଏକ ବିକଟ ଚିତ୍କାର ଶୁଭିଲା । ଉପସ୍ଥିତ ଲୋକେ ଚମକି ପଡିଲେ । ଦେବୀଙ୍କ ତ୍ରିଶୂଳ ଲାଗି ମହିଷାସୁର ଚରିତ୍ରରେ ଅଭିନୟ କରୁଥିବା ଲୋକଟା ମରିଗଲା କି ଆଉ !!

ମୁହୂର୍ତ୍ତକ ପରେ ବିଜୁଳି ଆସିଲା । ମଂଚରେ ଆଲୁଅ ଜଳିଲା । ଦେଖାଗଲା ଦେବୀ ଭୂମିକାରେ ଅଭିନୟ କରୁଥିବା ଅଭିନେତ୍ରୀଙ୍କ ହାତର ତ୍ରିଶୂଳ ମହିଷାସୁର ଦେହରେ ନ ଲାଗି ଏହି କର୍ତ୍ତାଙ୍କର ଛାତିରେ ଭେଦିଯାଇଥିଲା ଖୁବ୍ ଗଭୀରକୁ । ଏତିକି ବେଳେ ଦର୍ଶକମାନଙ୍କ ଭିତରୁ କିଏ ଜଣେ କହିଲା ଦେବୀ ଦୁର୍ଗାଙ୍କ ଅପାର କରୁଣାରୁ ଏବେ ହେଲା ସତସତିକା ମହିଷାସୁର ବଧ ।

*–ବାଣପୁର, ଖୋରଧା*



## ଆକ୍ସନ ମୁଡ୍‌ରେ ରାଣୀ

ରାଣୀଙ୍କ ମୁଣ୍ଡରେ ଏବେ ଆକ୍ସନ ଭୂତ ସବାର ହୋଇଛି। ଯାହା ହୋଇଗଲେ ବି ସେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉଠାଇବେ। ଏହାବ୍ୟତୀତ ଲୋକମାନଙ୍କୁ ନ୍ୟାୟ ଦେବାକୁ ସେ ଯେ କୌଣସି ଚ୍ୟାଲେଞ୍ଜର ସାମନା କରିବାକୁ ତୟାର। ଏ ନେଇ ସେ ମାଇଣ୍ଡ ମେକଅପ କରିସାରିଛନ୍ତି। ତାଙ୍କର ଏଭଳି ଆଶାକୁ ଦ୍ୱିଗୁଣିତ କରିଦେଇଛି ଖାକି ପୋଷାକ। ଅର୍ଥାତ୍, ତାଙ୍କର ଏଭଳି ମାନସିକତାର ସଂଯୋଗ ରହିଛି ରାଣୀ ମୁଖାର୍ଜୀଙ୍କ ରିଲ୍ ଲାଇଫ ସହ। ଏବେ ସେ ଆକ୍ସନଭିତ୍ତିକ ଫିଲ୍ମ 'ମର୍ଦ୍ଦାନୀ-୨'ରେ ଜଣେ କର୍ତ୍ତବ୍ୟନିଷ୍ଠ ପୋଲିସ ଅଫିସର ଭୂମିକାରେ ଅଭିନୟ କରୁଛନ୍ତି। ଏହି ସିକୁଏଲ୍ ଫିଲ୍ମର ପ୍ରଥମ ଟିଜର ନିକଟରେ ରିଲିଜ ହୋଇଛି। ଏଥିରେ ତାଙ୍କର ପୋଲିସ ଭୂମିକାକୁ ଦର୍ଶକ ବେଶ୍ ପ୍ରଶଂସା କରିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଗୋପୀ ପୁଥରନ୍।



## ଅନୁତାପ କରୁଛନ୍ତି ଶାହରୁଖ

ଦିନ ଥିଲା ବଲିଉଡ୍‌ରେ ଶାହରୁଖ ରାଜ୍ କରୁଥିଲେ। ହେଲେ ଏବେ ବେଳକାଳ ଭଲ ନାହିଁ। ଫିଲ୍ମଗୁଡିକ ଲଗାତର ଫ୍ଲପ ହେଉଛି। ଏବେ ନିଜ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେବା ସହ ତାଙ୍କ ଅଭିନୀତ ସିନେମାଗୁଡିକୁ କାହିଁକି ଦର୍ଶକ ଗ୍ରହଣ କରୁନାହାନ୍ତି ତାହାର କାରଣ ଖୋଜୁଛନ୍ତି। କେବଳ ସେତିକି ନୁହେଁ, କାହାଣୀ ଚୟନରେ ହୁଏତ କିଛି ଭୁଲ ରହିଯାଇଛି ବୋଲି ଭାବି ଅନୁତାପ କରୁଛନ୍ତି। ଅନ୍ୟପକ୍ଷରେ ସେ ଏବେ ଏପରି କାହାଣୀ ଖୋଜୁଛନ୍ତି ଯାହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ। ସେଥିପାଇଁ ସେ ଲେଟ୍ ନାଇଟ୍‌ରେ କାହାଣୀ ଖୋଜିବାରେ ବ୍ୟସ୍ତ ଅଛନ୍ତି। ଏପରି କି ନିଜର କେତେକ କାମକୁ ବାତିଲ କରି କାହାଣୀ ସନ୍ଧାନରେ ଲାଗିପଡିଛନ୍ତି। ତେବେ ଶାହରୁଖଙ୍କର ଏହି କାହାଣୀ ଚୟନ ମିଶନର ଫଳାଫଳ କ'ଣ ହେଉଛି ଏବଂ ସେଥିରେ ଅଭିନୟ କରି ସେ ଦର୍ଶକଙ୍କ ମନରେ ପୁଣି ଥରେ ବସା ବାନ୍ଧି ପାରୁଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଲା।



## ବିଶ୍ୱରୂପ ଯାହା ଚାହୁଁଥିଲେ..

ନବାଗତ ବିଶ୍ୱରୂପ ଏବେ କେବଳ ଅପେକ୍ଷା କରିଛନ୍ତି। କେବେ ସେହି ଶୁଭ ଦିନ ଆସିବ ଆଉ ତାଙ୍କ ଅଭିନୀତ ପ୍ରଥମ ସିନେମା ରିଲିଜ ହେବ। ଅବଶ୍ୟ ଏହି ଫିଲ୍ମଟି ଏହି ମାସ ଶେଷ ସପ୍ତାହରେ ମୁକ୍ତିଲାଭ କରିବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଖାସ୍ କଥା ହେଲା, ବିଶ୍ୱରୂପ ଯାହା ଚାହୁଁଥିଲେ ତାଙ୍କୁ ମିଳିଯାଇଛି। ଉକ୍ତ ଫିଲ୍ମର ଟାଇଟଲ ରହିଛି 'ବିଶ୍ୱରୂପ-ବର୍ନ ଟୁ ଫାଇଟ୍'। ଜଣେ ବକ୍ସରଙ୍କ ଉତ୍‌ଥାନ-ପତ୍ତନ ଜୀବନୀକୁ ନେଇ ସିନେମାଟି ନିର୍ମିତ ହୋଇଛି। ଆଉ ପ୍ରଥମରୁ ଏପରି ଏକ ଚ୍ୟାଲେଞ୍ଜିଂ ଭୂମିକା ପାଇଥିବାରୁ ତାଙ୍କର ଖୁସି କହିଲେ ନ ସରେ। ଏ ବିଷୟରେ ବିଶ୍ୱରୂପ କହନ୍ତି, 'ଯେତେବେଳେ ଏହାର ନିର୍ଦ୍ଦେଶକ ସରୋଜକାନ୍ତ ମୋତେ କାହାଣୀ ଏବଂ ମୋ ଭୂମିକା ବିଷୟରେ ସୂଚନା ଦେଲେ ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। କେବଳ ସେତିକି ନୁହେଁ, ଏଭଳି ଏକ ଆକ୍ସନ-ରୋମାଣ୍ଟିକ-ପାଥେଟିକ ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଥିଲି। ଶୁଟିଂ ସମୟରେ କାହାଣୀକୁ ନେଇ ବିଭିନ୍ନ ପ୍ରକାର ଏକ୍ସପେରିମେଣ୍ଟ କରାଯାଇଛି। ଏହି ଭୂମିକା ପାଇଁ ବେଶ୍ ପରିଶ୍ରମ କରିଛି ଏବଂ ଦର୍ଶକ ଏହାର ମୂଲ୍ୟ ବୁଝିବେ ବୋଲି ଆଶା ରଖିଛି। ଏହି ସିନେମାରେ ବିଶ୍ୱରୂପଙ୍କ ଅପୋଜିଟ୍‌ରେ ନାୟିକା ଭୂମିକାରେ ଅଭିନୟ କରିଛନ୍ତି ଅମିତ୍ରା ଏବଂ ତନୁଷ୍କା। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିଭୂତି ଭୂଷଣ ଗଡନାୟକ।



## ରେଖାଙ୍କ ମେକଅପ୍ ନିଶା

ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ହେଉଛନ୍ତି ରେଖା। କେବଳ ନିଜର ଗ୍ଲାମର କିମ୍ବା ଲୁକ୍ ନୁହେଁ ଦମଦାର ଅଭିନୟ ବଳରେ ସେ ହିନ୍ଦୀ ସିନେମାରେ ସୃଷ୍ଟି କରିଛନ୍ତି ଏକ ସ୍ୱତନ୍ତ୍ର ସ୍ଥାନ। ତାଙ୍କର କେତୋଟି ନିଆରା ଚଏସ ରହିଛି। ଯେତେବେଳେ ସେ ବାହାରକୁ ଯାଆନ୍ତି ସେତେବେଳେ ସେ ଚକୋଲେଟ୍ କଲର ଲିପଷ୍ଟିକ୍ ଲଗାଇଥାଆନ୍ତି। ଏହା ତାଙ୍କ ଲୁକ୍‌କୁ ଆହୁରି ଆଟ୍ରାକ୍ଟିଭ କରିଥାଏ। ନିଜକୁ ସଜେଇ ହେବା ନିଶା ତାଙ୍କର ପିଲାଦିନରୁ। ୟଙ୍ଗ ଏଜ୍‌ରୁ ଆଜିଯାଏ ସେ ଭଲ ଭାବରେ ମେକଅପ ନ ନେଲେ ବାହାରକୁ ଯାଆନ୍ତି ନାହିଁ। ଏପରି କି ଦାମୀ ମେକଅପ କିଟ୍ ସେ ବାହାରୁ ମଗାଇ ଥାଆନ୍ତି। ଦିନ ଥିଲା ତାଙ୍କୁ ଫିଲ୍ମଟିଏ ପାଇବାକୁ ସଂଘର୍ଷ କରିବାକୁ ପଡୁଥିଲା। ଏପରି କି ସେତେବେଳେ ସେ କେତୋଟି 'ବି' ଏବଂ 'ସି' ଗ୍ରେଡ ଫିଲ୍ମରେ ଅଭିନୟ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ନିଜର ଅଭିନୟ ବଳରେ ସେ ଅନେକ ହିଟ୍ ସିନେମାର ଅଭିନୟ କରି ପ୍ରଶଂସା ସାଉଁଟିବା ସହ ନିଜକୁ ନମ୍ବର ୱାନ ନାୟିକା ଭାବରେ ପରିଚିତ କରାଇ ପାରିଥିଲେ।



## ସଲ୍ଲୁଙ୍କ ପ୍ରଶଂସାରେ ସୋନାକ୍ଷୀ

ସୋନାକ୍ଷୀଙ୍କ ମୁହଁରେ ଏବେ ଜଣଙ୍କର ପ୍ରଶଂସା ଶୁଣିବାକୁ ମିଳୁଛି। ସେ ହେଲେ ସଲମାନ ଖାଁ ଓରଫ ସଲ୍ଲୁ ମିଆଁ। ଏକଥା ତ ସମସ୍ତେ ଜାଣନ୍ତି ଯେ ସୋନାକ୍ଷୀଙ୍କ ଡେବ୍ୟୁ ଫିଲ୍ମ 'ଦବଙ୍ଗ'ର ମେଲ୍ ଲିଡ୍‌ରେ ସଲମାନ ଅଭିନୟ କରିଥିଲେ ଏବଂ ଫିଲ୍ମଟି ହିଟ୍ ସାବ୍ୟସ୍ତ ହୋଇଥିଲା। ହେଲେ ସେତେବେଳେ ସୋନାକ୍ଷୀ ନିଜର ଫିଗର କିପରି ଚେଞ୍ଜ୍ କରିବେ ସେ ନେଇ ଅଡୁଆରେ ପଡିଥିଲେ। କାରଣ ସେହି ଫିଲ୍ମ ପାଇଁ ତାଙ୍କୁ ପାଖାପାଖି ୩୦ କିଗ୍ରା ଓଜନ କମାଇବାକୁ ପଡିଥିଲା। ସେତେବେଳେ ଏ ନେଇ ତାଙ୍କ ପଛରେ ଛାଇ ପରି ଠିଆ ହୋଇଥିଲେ ସଲମାନ। ଏ ସମ୍ପର୍କରେ ସେ ଯେଉଁ ଟିପ୍ସ ଦେଇଥିଲେ ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ ସେ। ଆଉ ମାସ କେଇଟାରେ ନିଜ ଫିଗରରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଥିଲେ ସୋନାକ୍ଷୀ। 'ମୋ ପ୍ରଥମ ଫିଲ୍ମ ସମୟରେ ସଲମାନ୍ ମୋତେ ଯେଉଁ ଫିଟ୍‌ନେସ ଟିପ୍ସ ଦେଇଥିଲେ ସେଗୁଡିକୁ ମୁଁ ଏ ପର୍ଯ୍ୟନ୍ତ ମାନୁଛି ଆଉ ସେଥିପାଇଁ ମୁଁ ମୋ ଫିଗର ବଜାୟ ରଖିବାରେ ସମର୍ଥ ହୋଇଛି। ଏ ନେଇ ତାଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା କମ୍ ହେବ ବୋଲି କହନ୍ତି ଏହି ନାୟିକା।'

## ଗପୁଡ଼ି ଦୀପିକା

ଦୀପିକାଙ୍କୁ ଗପିବାକୁ ଭଲ ଲାଗେ। କେହି ପରିଚିତ ଲୋକ ଭେଟ ହୋଇଗଲେ ସେ ଗପର ପସରା ମେଲାଇ ଦିଅନ୍ତି। ହେଲେ ଏହି ଅଭ୍ୟାସ ତାଙ୍କର ଏବେକାର ନୁହେଁ। ପିଲାଟି ଦିନରୁ ସେ ଗପିବାକୁ ଭଲ ପାଆନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏ ନେଇ କେତେକ ରୋଚକ କଥା କହିଥିଲେ। 'ଗପିବା କଥା କହିବା ସମୟରେ ମୋର ସ୍କୁଲ ବେଳ କଥା ମନେପଡିଯାଉଛି। ସେତେବେଳେ ମୁଁ ସାଙ୍ଗପିଲାଙ୍କ ସହ ଧୂମ ଗପୁଥିଲି। ଏଥିପାଇଁ ମୋତେ ଅନେକ ଥର ଶିକ୍ଷକଙ୍କ ନିକଟରୁ ଗାଳି ଶୁଣିବାକୁ ପଡିଛି। ସ୍କୁଲ ସମୟର ସେ କଥା ମନେପଡିଲେ ଏବେ ମୋତେ ବେଶ୍ ଖୁସି ଲାଗେ। ସେତେବେଳର ପ୍ରତିଟି ମୁହୂର୍ତ୍ତ ମୋ ମନରେ ସତେଜ ହୋଇ ରହିଛି ବୋଲି କହିଥିଲେ ଦୀପିକା। ସୂଚନାଯୋଗ୍ୟ, ବର୍ତ୍ତମାନ ସେ ପତି ରଣବୀର ସିଂଙ୍କ ସହ କପିଳ ଦେବଙ୍କ ବାୟୋପିକ '୮୩'ରେ ଅଭିନୟ କରୁଛନ୍ତି।



## ୟାମିଙ୍କ ଶପିଂ ପାଗଳିଆ

ୟାମି ଗୌତମ ଏବେ ଦିଲ୍ଲୀରେ ଡେରା ପକାଇଛନ୍ତି। କାହିଁକି ନା, ସେ ଅଭିନୟ କରୁଥିବା ନୂଆ ସିନେମା 'ଗିନ୍ନି ୱେଡ୍‌ସ ସନ୍ନି'ର ଶୁଟିଂ ସେଠାରେ ଦୁଇ ସପ୍ତାହ ଧରି ଚାଲିବ। ଶୁଟିଂ ପାଇଁ ତ ସେ କେତେ ସିରିୟସ ସେ କଥା ଛାଡନ୍ତୁ, ହେଲେ ଶୁଟିଂ ଶେଷ ହେବା ପରେ ସେ ଗୋଟିଏ କାମରେ ବ୍ୟସ୍ତ ରହୁଛନ୍ତି। ପ୍ୟାକ୍‌ଅପ୍ ପରେ ସେ ସିଧାସଳଖ ହୋଟେଲ ନ ଯାଇ ଶପିଂ କରିବାକୁ ବାହାରକୁ ଯାଉଛନ୍ତି। ପୁଣି ଏକୁଟିଆ ନୁହେଁ, ଠିକ୍ ସମୟରେ ସେଠାରେ ତାଙ୍କର କେତେଜଣ ସାଙ୍ଗ ପହଞ୍ଚି ଯାଉଛନ୍ତି। ଆଉ ସେମାନଙ୍କ ସହ ୟାମି ଶପିଂ ପାଇଁ ବାହାରି ଯାଉଛନ୍ତି। ଏ ନେଇ ୟାମି କହନ୍ତି, 'ପ୍ରତିଦିନ କିଛି ନା କିଛି ନୂଆ ଜିନିଷ କିଣିବା ମୋର ଏକ ଅଭ୍ୟାସ। ତେଣୁ ମୁଁ ପ୍ରାୟ ପ୍ରତିଦିନ ଶପିଂ କରିଥାଏ। ଏବେ ତ ଶୁଟିଂ ପାଇଁ ସମୟ ମିଳୁନି। ଶୁଟିଂ ପରେ ଯେତେବେଳେ ମୁଁ ଫ୍ରି ହୋଇଯାଉଛି ଶପିଂ କରିବାକୁ ଭୁଲୁ ନାହିଁ। ଆଉ ଏଠି ସାଙ୍ଗମାନଙ୍କ ସହ ଶପିଂ କରିବାର ମଜା ନିଆରା।' ଶୁଟିଂ ଚାଲିଥିବା 'ଗିନ୍ନି ୱେଡ୍ସ ସନ୍ନି'ରେ ୟାମି ଗିନ୍ନି ଭୂମିକାରେ ଅଭିନୟ କରିଛନ୍ତି। ଗିନ୍ନି ଜଣେ ଆଧୁନିକା ଯୁବତୀ। ତା' ଜୀବନରେ ଭିନ୍ନ ଧରଣର ଘଟଣା ଘଟୁଛି, ଯାହାକୁ ନେଇ କାହାଣୀ ଆଗେଇଛି। ଏହି ଭୂମିକାଟିର



ସଫଳତାକୁ ନେଇ ଏବେଠାରୁ ଆଶା ବାନ୍ଧିଛନ୍ତି ୟାମି।

ପ୍ରଥମ ରୋଜଗାର

# ପ୍ରଥମ ଦରମା ଟଙ୍କା ମାମୁଙ୍କୁ ଦେଇଥିଲି



ଫରେଷ୍ଟର **ମେରିନା ଗିରି** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଖୋର୍ଦ୍ଧା ଜିଲାର ପାଇକ ତିଗିରିଆ ଗାଁରେ ମୋର ଜନ୍ମ। ୪ ଭଉଣୀ ମଧ୍ୟରୁ ମୁଁ ଥିଲି ଦ୍ୱିତୀୟ। ବାପା ଗାଡ଼ିଚାଳକ ଭାବେ କାମ କରି ଯାହା ଦୁଇ ପଇସା ରୋଜଗାର କରୁଥିଲେ ସେଥିରେ ଦୁଃଖେକଷ୍ଟେ ଆମ ପରିବାର ଚଳୁଥିଲା। ତେଣୁ ପିଲାଦିନରୁ ମୋର ଗୋଟେ ଲକ୍ଷ୍ୟ ଥିଲା, ଭଲ ପାଠ ପଢ଼ିବି ଆଉ ଚାକିରି କରି ବାପାଙ୍କୁ ସାହାଯ୍ୟ କରିବି। ସେଥିପାଇଁ ପାଇକ ତିଗିରିଆ ଉଚ୍ଚ ବିଦ୍ୟାଳୟରୁ ୨୦୦୮ରେ ମାଟ୍ରିକ୍ ପାସ୍ କରି ପ୍ରାଣନାଥ କଲେଜରେ ଯୁକ୍ତ ୨ ବିଜ୍ଞାନ ପଢ଼ିଥିଲି। ତା'ପରେ ଉକ୍ତ କଲେଜରୁ କେମିଷ୍ଟ୍ରି ଅନର୍ସରେ ଯୁକ୍ତ ୩ ପାସ୍ କରି ପିଜି ପାଇଁ ଏଣ୍ଟ୍ରାନ୍ସ ଦେଲି। ରେଭେନ୍ସାରେ ପିଜି ପଢ଼ିବାକୁ ମୋର ସିଲେକ୍ସନ ବି ହେଲା। କିନ୍ତୁ ଘରଠାରୁ ଦୂର ହେବାରୁ ସେଠି ଆଡ୍‌ମିଶନ ନ କରି ଭୁବନେଶ୍ୱରରେ ବ୍ୟାଙ୍କିଙ୍ଗ୍ କୋଚିଂ ନେଲି। ପ୍ରତିଦିନ ଗାଁରୁ ଯା'ଆସ କରୁଥିଲି। କିଛିଦିନ କୋଚିଂ ନେବା ପରେ ଫରେଷ୍ଟର ପଦବୀ ପାଇଁ ବିଜ୍ଞାପନ ବାହାରିଲା। ଘରେ କାହାରିକୁ କିଛି ନ ଜଣାଇ ଲିଖିତ ପରୀକ୍ଷା ଦେଲି। ଲିଖିତ ପରୀକ୍ଷାରେ ଚୟନ ହେବା ପରେ ଘରେ ଜଣାଇଲି। ବାପା କହିଲେ ତୋତେ ଯାହା ଠିକ୍ ଲାଗୁଛି ତୁ କର। ସେତେବେଳେ ମୁଁ ଚିନ୍ତାକଲି ଯଦି ଏହି ଚାକିରିଟିକୁ ହାତଛଡ଼ା କରୁଛି ତା'ହେଲେ ବ୍ୟାଙ୍କ ଚାକିରି କେବେ ପାଇବି ତା'ର କୌଣସି ଗ୍ୟାରେଣ୍ଟି ନାହିଁ। ବରଂ ଏ ଚାକିରିରେ ଯୋଗଦେଇ ଘରକୁ କିଛି ସାହାଯ୍ୟ କରୁଥାଏ। ତେଣୁ ଲିଖିତ ପରୀକ୍ଷା ପରେ ଦୌଡ଼, ସାଇକେଲ୍ ଏବଂ ମୌଖିକ ପରୀକ୍ଷାରେ ବି ଉତ୍ତୀର୍ଣ୍ଣ ହୋଇ ୨୦୧୫ ମେ ୨୫ ତାରିଖରେ ଟାଙ୍ଗୀ ରେଞ୍ଜ୍‌ର ନାଚୁଣୀ ସେକ୍‌ସନ୍‌ରେ ଫରେଷ୍ଟର ଭାବେ ଯୋଗଦେଲି। ଚାକିରି ଯେହେତୁ କଣ୍ଟ୍ରାକ୍ଟୁଆଲ, ତେଣୁ ଦରମା ମାତ୍ର ୭୨୦୦ ଟଙ୍କା ମିଳିଲା। ଦରମା ପାଇବା ଦିନ ମୁଁ ବହୁତ ଖୁସି ହୋଇଥିଲି। ଆଉ ଟଙ୍କାକୁ ନେଇ ପ୍ରଥମେ ମୋ ବଡ଼ମାମୁଙ୍କ ହାତରେ ଦେଇଥିଲି। କାରଣ ବଡ଼ମାମୁ ହିଁ ମୋ ପଢ଼ା ପାଇଁ ବହୁତ ସାହାଯ୍ୟ କରିଥିଲେ। ମାମୁ ସେହି ଟଙ୍କାରେ ଠାକୁରଙ୍କ ପାଖେ ପୂଜା କରି ସମସ୍ତଙ୍କୁ ଭୋଗ ବାଣ୍ଟିଥିଲେ। ବାସ୍ ତା' ପର ମାସରୁ ଯେଉଁ ଦରମା ପାଇଲି ତାକୁ ଘର ଚଳାଇବା ଓ ସାନ ଭଉଣୀମାନଙ୍କ ପାଠପଢ଼ା ପାଇଁ ପଠାଇ ଦେଉଥିଲି। ଯା' ଭିତରେ ୪ବର୍ଷ ବିତିଗଲାଣି। ନାଚୁଣୀ ସେକ୍‌ସନ୍‌ରେ ବର୍ଷେ କାମ କରିବା ପରେ ନୟାଗଡ଼ ଜିଲା ରଣପୁର ରେଞ୍ଜ୍‌ର ବେତୁଲି ସେକ୍‌ସନ୍‌କୁ କିଛିଦିନ ପାଇଁ ବଦଳି ହୋଇ ଯାଇଥିଲି। ହେଲେ ଏବେ ଟାଙ୍ଗୀ ରେଞ୍ଜ୍‌ର ଟାଙ୍ଗୀ ସେକ୍‌ସନ୍‌ରେ ଫରେଷ୍ଟର ଭାବେ କାମ କରୁଛି। ମୋର ମନେ ପଡୁଛି ବେତୁଲିରେ ଯେତେବେଳେ ଥିଲି, ଦିନେ ଅପରାହ୍ନ ୪ଟା ବେଳେ ଜଙ୍ଗଲ ଭିତରେ ଆମେ କେତେଜଣ ଷ୍ଟାଫ୍ ପାଟ୍ରୋଲିଂ କରୁଥାଉ। ଏହି ସମୟରେ ଆମକୁ ଗଛ କାଟିବାର ଶବ୍ଦ ଶୁଭିଲା। ଶବ୍ଦକୁ ଅନୁକରଣ କରି ଜଙ୍ଗଲ ରାସ୍ତାରେ ପ୍ରାୟ ୮/୧୦ କି.ମି ଭିତରକୁ ଯିବା ପରେ କିଛି ଲୋକ ଗଛ କାଟୁଥିବାର ଦେଖିଲୁ। ଆମ ପାଟି ଶୁଣି ସେମାନେ ଗଛ କଟା ଛାଡି ଦୌଡି ପଳାଇଗଲେ। ସେତେବେଳକୁ ରାତି ୮ଟା ପାଖାପାଖି ହୋଇ ସାରିଥାଏ। ଫୋନ୍‌ର ନେଟ୍‌ୱାର୍କ ବି କାମ କରୁ ନଥାଏ। ଅନ୍ଧାରରେ ବାହାରକୁ ବାହାରିବାର ରାସ୍ତା ବି ମିଳୁ ନଥାଏ। ସାଇ ବାବାଙ୍କ କୃପାରୁ ବହୁ କଷ୍ଟରେ ସେଦିନ ଆମେ ଫେରିବାର ରାସ୍ତା ପାଇଥିଲୁ। ଏ ଘଟଣା ମୋ ପାଇଁ ଏକ ଅଭୁଲା ସ୍ମୃତି। ଆଉ ଏ ଚାକିରି ମୋ ପାଇଁ ଗୋଟେ ଚାଲେଞ୍ଜ କହିଲେ ଚଳେ। ଜଙ୍ଗଲକୁ ସୁରକ୍ଷା ଦେବା ସହିତ ପରିବାର କଥା ବୁଝିବାର ଏହି ଯେଉଁ ଗୁରୁଦାୟିତ୍ୱ ମୋତେ ମିଳିଛି, ତାକୁ କିପରି ସୁଚାରୁରୂପେ ତୁଲାଇବି ସେହି ଚେଷ୍ଟାରେ ମୋର ଦିନ ବିତୁଛି। ତା' ସହିତ ସିଭିଲ୍ ସର୍ଭିସ୍ ପାଇଁ ବି ଘରୋଇ ଭାବେ ପ୍ରସ୍ତୁତ ହେଉଛି। ମୋତେ ସବୁବେଳେ କିଛି ନା କିଛି ପଢ଼ିବାକୁ ଭଲ ଲାଗେ। ଖାସ୍‌କରି ଭାଗବତ ଗୀତା ଓ ଅବ୍‌ଦୁଲ କଲାମ୍‌ଙ୍କ ଜୀବନୀ ପଢ଼ିବା ମୋର ବେଶି ସଉକ।

# ପ୍ରେମିକାର ହସ : କେତେବେଳେ ମିଠା ସିଏ କେତେବେଳେ ବିଷ

**ପ୍ରଶ୍ନ**–ଯେଉଁ ଝିଅ ହସିଦେଲା ସେ ଫସିଗଲା। ଏହାକୁ ଆଧାର କରି ମୁଁ ତିନି ଜଣଙ୍କଠାରୁ ଧୋକା ଖାଇ ସାରିଲିଣି। ଏବେ କ'ଣ କରିବି ଜାଣିପାରୁନି।

*–ଅମି,ଖୋର୍ଦ୍ଧା*

**ଉତ୍ତର :** ପ୍ରେମିକାର ହସ : କେତେବେଳେ ମିଠା ସିଏ କେତେବେଳେ ବିଷ। ଏତେ ଥର ସେହି ହସ ମାୟାରେ ବାୟା ହୋଇ ବୁଦ୍ଧି ଶିଖିଲେଣି ହେଲେ ଆପଣଙ୍କର ବୋଧହୁଏ ଜ୍ଞାନ ଉଦୟ ହେଉନି। ତେଣୁ ବାସ୍ତବତାକୁ ଆସି ପ୍ରେମର ଅସଲ ଫର୍ମୁଲା ଆପ୍ଲାଏ କରି ପ୍ରେମ କରନ୍ତୁ। ଯଦି ଦୁଇ ପଟରୁ ସିଗନାଲ ଠିକ୍ ରହିଲା ତେବେ ଆପଣଙ୍କ ପ୍ରେମର ଗାଡି ବିନା ହମ୍ପସ୍‌ରେ ଆଗକୁ ମାଡ଼ି ଚାଲିବ।

**ପ୍ରଶ୍ନ**–କାହାର ଇସାରାରେ ମୁଁ ଏବେ ପାଗଳ ହୋଇଯାଇଛି। ହେଲେ ସେ ମନର ମାନସୀ କେଉଁଠି ଅଛି ମୁଁ ଜାଣିନି। ତାକୁ କେମିତି ପାଇବି ?

*–ଆର.କେ., ରାଉରକେଲା*

**ଉତ୍ତର :** 'ତେରେଛା ଇସାରା ଘାଇଲା କଲା, ତା' ପାଇଁ ମୋ ମନ ପାଗଳ ହେଲା।' ହେଲେ ଆପଣ ବୋଧହୁଏ ସପନ ରାଇଜରେ ଏବେ ବି ଘୂରି ବୁଲୁଛନ୍ତି। ସେପରି କ୍ଷଣିକ ଆନନ୍ଦରେ ମତୁଆଲା ନ ହୋଇ ବାସ୍ତବ ଦୁନିଆକୁ ଆସନ୍ତୁ। ମନର ମାନସୀଟିଏ ଖୋଜନ୍ତୁ। ଯଦି ଟେକନିକ୍ ଠିକ୍ ଥିବ ତେବେ ନିଶ୍ଚୟ ସକ୍‌ସେସ ହେବେ।

**ପ୍ରଶ୍ନ**–ଯେତେ ବୁଝାଇଲେ ମୋ ପ୍ରେମିକା ମୋତେ ବିଶ୍ୱାସ କରୁନି। ତାକୁ ବୁଝାଇ ବୁଝାଇ ମୁଁ ଥକି ପଡିଲିଣି। ଏବେ କ'ଣ କରିବି ଜାଣିପାରୁନି।

*–ପ୍ରକାଶ, ବ୍ରହ୍ମପୁର*

**ଉତ୍ତର :** ଆପଣଙ୍କ ଉପରେ ପ୍ରେମିକାର ଯେଉଁ ବିଶ୍ୱାସ ଥିଲା ତାହା କୌଣସି କାରଣରୁ ଭାଙ୍ଗି ଯାଇଛି। ପୁଣି ତାହା ତାକୁ ଏମିତି ପ୍ରଭାବିତ କରିଛି ଯେ ସେ ଆପଣଙ୍କୁ ଦ୍ୱିତୀୟ ଥର ବିଶ୍ୱାସ ବଳୟ ଭିତରେ ରଖିବାକୁ ଚାହୁଁନି। ଯଦି ଏହାକୁ ନେଇ ପରିସ୍ଥିତି ଜଟିଳ, ତେବେ ଡେରି ନ କରି ଏପରି ପ୍ରେମରେ ପୂର୍ଣ୍ଣଚ୍ଛେଦ ପକାଇଲେ କିଛି କ୍ଷତି ନାହିଁ। କାରଣ ପ୍ରେମରୁ ବିଶ୍ୱାସ ଥରେ ତୁଟି ଗଲେ ତାହା ପୁଣି ଥରେ ଦୃଢ଼ ହେବା ଏତେ ସହଜ ନୁହେଁ।

**ପ୍ରଶ୍ନ**–ମୋ ପ୍ରେମିକାକୁ ପ୍ରଥମ ଲଭ୍ ଲେଟର ଦେଲି। ସେ ତାକୁ ଗ୍ରହଣ କଲା। ହେଲେ ଏଯାଏ କିଛି ରିପ୍ଲାଏ ଆସୁନି। କ'ଣ କରିବି ?

*–ଅନିକେତ, ଅନୁଗୋଳ*

**ଉତ୍ତର :** ଆପଣଙ୍କ ପ୍ରେମିକା ଏବଂ ଆପଣଙ୍କ ଭିତରେ ଥିବା ପ୍ରେମ କେତେ ଗଭୀର ତାହା ପ୍ରଥମେ ତର୍ଜମା କରନ୍ତୁ। ଯଦି ହାଲୋ–ହାଏ ପ୍ରେମ ହୋଇଥିବ ତେବେ ତାହା କେତେବେଳେ ଉଡିଯିବ ତାହା କଳ୍ପନା କରିପାରିବେ ନାହିଁ। ପ୍ରେମିକାର ମତିଗତିକୁ ଭଲ ଭାବରେ ଲକ୍ଷ୍ୟ କରି ଆଉ ଥରେ–ଦି'ଥର ଚେଷ୍ଟା କରନ୍ତୁ। ନ ହେଲେ ଚ୍ୟାନେଲ ବଦଳାଇ ଦେଲେ କ୍ଷତି କ'ଣ !

**ପ୍ରଶ୍ନ**–ବାରମାସୀ ଚଢ଼େଇ ପରି କେତେକ ପ୍ରେମିକା ଆଜିକାଲି ପ୍ରେମିକ ବଦଳାଉଛନ୍ତି। ସେମାନେ ଏମିତି କରୁଛନ୍ତି କାହିଁକି ?

*–ସୁକାନ୍ତ ସାହୁ, ଜଗତସିଂହପୁର*

**ଉତ୍ତର :** ସବୁ ଦୋଷ ସେମାନଙ୍କ ଉପରକୁ ଠେଲି ଦେବା ସମୀଚୀନ କି ? ଗୋଟିଏ ହାତରେ କେବେ ତାଳି ବାଜିଲାଣି। ଦୁଇ ପଟରୁ ନିଶ୍ଚୟ କିଛି ଫଲ୍ଟ ରହିଛି। ତେଣୁ ସେଥିରେ ମୁଣ୍ଡ ନ ଖେଳାଇ ନିଜ ପ୍ରେମିକା ପଛରେ ଛାଇ ହୋଇ ଘୂରି ବୁଲନ୍ତୁ।

ସାଥୀ



# ଓଳଗ ଗାଁର ନିଆରା ପାର୍ବଣ







କାଶତଣ୍ଡୀ ଫୁଲର ପସରା ମେଲେଇ ଗାଁକୁ ଆସେ ପାର୍ବଣ। ଗାଁର ଆବାଳ ବୃଦ୍ଧ ବନିତା ମସ୍‌ଗୁଲ ହୋଇଯାନ୍ତି ଏଥିରେ। ବିଲ୍ୱବରଣରୁ ଦଶହରା ପର୍ଯ୍ୟନ୍ତ ସମସ୍ତେ ନିଜକୁ ଆଧ୍ୟାତ୍ମିକତାରେ ହଜେଇ ଦିଅନ୍ତି। ପାର୍ବଣର ଏହି ପରମ୍ପରାକୁ ପୁରୁଷ ପୁରୁଷ ଧରି ବଜାୟ ରଖି ଆସୁଥିବା ଏ ଗାଁ ହେଉଛି ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଓଳଗ ଗାଁ। ଏଠାରେ ଯେଉଁ ପାରମ୍ପରିକ ନିଆରା ଦୁର୍ଗାପୂଜା ସଂଗଠିତ ହୁଏ ତାହା ସାରା ଓଡ଼ିଶାରେ ବିରଳ।

**ପାର୍ବଣର ପରମ୍ପରା:** ଓଳଗ ଗାଁରେ ବାସ କରୁଥିବା କ୍ଷତ୍ରିୟ ବଂଶର ୨ ଗୋଷ୍ଠୀ ବଡ଼ଓଳଗ ଓ ସାନଓଳଗ ଭାବେ ପରିଚିତ। ପ୍ରତିବର୍ଷ ଏହି ଦୁଇ ଗୋଷ୍ଠୀ ତରଫରୁ ସ୍ୱତନ୍ତ୍ର ଶୈଳୀରେ ଦୁର୍ଗାପୂଜା ପାଳିତ ହୋଇଥାଏ। ବଡ଼ଓଳଗ/ବଡ଼ଭାଇ ଗୋଷ୍ଠୀର ମହାପାତ୍ର ବଂଶଜମାନେ ଏକ ପିତଳ କଳସରେ ସ୍ୱର୍ଣ୍ଣ/ରୌପ୍ୟର ଚକ୍ଷୁ, ନାସିକା, କର୍ଣ୍ଣ, ଅଧର ଆଦି ରୋପଣ କରିବା ପରେ ତାକୁ ମଣ୍ଡପରେ ସ୍ଥାପନ କରି ମା'ଙ୍କୁ ଆରାଧନା କରିଥାନ୍ତି। ସେହିପରି ସାନଓଳଗ/ସାନଭାଇ ଗୋଷ୍ଠୀର ସୁନ୍ଦରରାୟ ବଂଶଜମାନେ ମହଣ ପତ୍ରକୁ ଦେବୀଦୁର୍ଗା ଭାବେ ପୂଜା କରିଥାନ୍ତି। ପୂର୍ବେ ଏହି ପତ୍ରରେ ସେମାନେ ସ୍ୱର୍ଣ୍ଣ/ରୌପ୍ୟରେ ନିର୍ମିତ ଚକ୍ଷୁ, ଅଧର, ନାସିକା କର୍ଣ୍ଣ ଆଦି ରୋପଣ କରି ପୂଜାର୍ଚ୍ଚନା କରୁଥିଲେ। ହେଲେ ଗତ ୩ ବର୍ଷ ହେବ ସେମାନେ ମା'ଙ୍କର ମୁଖମଣ୍ଡଳ ସହ ଶରୀରର ଏକ ଖୋଳପାକୁ ମହଣ ପତ୍ର ଉପରେ ରଖି ପୂଜା କରୁଛନ୍ତି।

**ବିଧିପୂର୍ବକ ପୂଜାର୍ଚ୍ଚନା:** ପବିତ୍ର ଷଷ୍ଠୀ ତିଥିଠାରୁ ଦଶମୀ ତିଥି ପର୍ଯ୍ୟନ୍ତ ଉଭୟ ଗୋଷ୍ଠୀରେ ମା' ଦୁର୍ଗାଙ୍କୁ ଆବାହନ କରାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ୨ ଗୋଷ୍ଠୀର ଜଣେ ଜଣେ ବ୍ୟକ୍ତି ପ୍ରଥମେ ପୁଣ୍ୟତୋୟା ବୈତରଣୀରେ ଘଟ ଉତ୍ତୋଳନ କରିଥାନ୍ତି। ତା'ପରେ ଢୋଲ, ମହୁରି, ଅନ୍ୟାନ୍ୟ ବାଦ୍ୟଯନ୍ତ୍ରର ତାଳେ ତାଳେ ପୂଜା ମଣ୍ଡପରେ ପବିତ୍ର ଘଟକୁ ସ୍ଥାପନ କରି ମା'ଙ୍କ ପୂଜା କର୍ମ ଆରମ୍ଭ ହୁଏ। ଏହି ସମୟରେ ବିଧିପୂର୍ବକ କ୍ଷତ୍ରିୟ ବଂଶର ଦାୟାଦମାନେ ନିଜ ନିଜ ଘରେ ଥିବା ବାଡ଼ି, ଖଣ୍ଡା, ଧନୁ, ଶର, ତେଣ୍ଟା ଆଦି ହାତହତିଆରକୁ ପୂଜା ମଣ୍ଡପରେ ଅବସ୍ଥାପନ କରିଥାନ୍ତି।

**ମହାଷ୍ଟମୀ, ନବମୀରେ ମା'ଙ୍କର ନିଆରା ପୂଜା:** ପବିତ୍ର ମହାଷ୍ଟମୀରେ ପୂଜା ମଣ୍ଡପରେ ସକାଳଠାରୁ ରାତ୍ରିର ଅନ୍ତିମ ପ୍ରହର ଯାଏ ଚଣ୍ଡୀପାଠ ସହ ଘୃତାହୁତି ପ୍ରଦାନ କରାଯାଏ। ଗ୍ରାମର ସମସ୍ତ ପରିବାରର ସଦସ୍ୟ ଉପବାସ କରିଥାନ୍ତି। ନିଜ ଗାଁ ବ୍ୟତୀତ ଆଖପାଖ ଗାଁରୁ ଆସିଥିବା ଭୋଗ ସାମଗ୍ରୀକୁ ମା'ଙ୍କୁ ଅର୍ପଣ କରାଯାଏ। ଏହିଦିନ ବଳି ସ୍ୱରୂପ ମା'ଙ୍କୁ କୁଷ୍ମାଣ୍ଡ ବି ଅର୍ପଣ କରାଯାଏ। ପୂଜା ଶେଷରେ ପରିବାରର ସମସ୍ତ ବ୍ୟକ୍ତି ମା'ଙ୍କ ଚରଣାମୃତ ପାନ କରି ବ୍ରତ ଭାଙ୍ଗିଥାନ୍ତି। ସେହିପରି ମହାନବମୀରେ ଦିବାରାତ୍ର ଚଣ୍ଡୀପାଠ ସହ ପୂଜା ମଣ୍ଡପରେ ହୋମଯଜ୍ଞର ଆୟୋଜନ କରାଯାଇଥାଏ।

**ଦଶହରାରେ ମା'ଙ୍କୁ ବିଦାୟ:** ଦଶହରା ଦିନ ଏକ ବିରାଟ ପଟୁଆରରେ ମା' ଦୁର୍ଗତିନାଶିନୀଙ୍କୁ ଶୋଭାଯାତ୍ରାରେ ନିଆଯାଏ। ଉଭୟ ଗାଁର ପିଲାଠୁ ବୃଦ୍ଧ ସମସ୍ତେ ଢୋଲମହୁରିର ତାଳେ ତାଳେ ଖଣ୍ଡା ଓ ବାଡି ଖେଳରେ ମସଗୁଲ ହୋଇଯାନ୍ତି। ଏହି ପାରମ୍ପରିକ ଖଣ୍ଡା ଓ ବାଡି ଖେଳକୁ ଦେଖିବା ପାଇଁ ଆଖପାଖ ଗାଁର ଲୋକମାନେ ରୁଣ୍ଡ ହୁଅନ୍ତି। ଏହାପରେ ପ୍ରତି ଘରେ ଘରେ ଭୋଜିଭାତର ଆୟୋଜନ ହୁଏ। ସାତ ତିଅଣ ନ' ଭଜାରେ ସମସ୍ତଙ୍କୁ ଆପ୍ୟାୟିତ କରାଯାଏ।

**ଲାଖବିନ୍ଧା ପରମ୍ପରା:** ମା'ଙ୍କୁ ବିଦାୟ ଦେଲାପରେ ସାନଓଳଗ ସୁନ୍ଦରରାୟ ବଂଶର ଜଣେ ବ୍ୟକ୍ତି ପାଲିଙ୍କିରେ ବିଦ୍ୟମାନ ହୋଇ ବିଭିନ୍ନ ବାଦ୍ୟର ତାଳେ ତାଳେ ବଡ଼ଓଳଗର ମହାପାତ୍ର ବଂଶଜଙ୍କ ନିକଟକୁ ଆଗମନ କରିଥାନ୍ତି ଓ ଦଶହରା ପଡିଆରେ ଉପନୀତ ହେବାପାଇଁ ନିମନ୍ତ୍ରଣ କରି ଫେରିଆସନ୍ତି। ସେଠାରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥାଏ। ଏହାପରେ ଉଭୟ ଗୋଷ୍ଠୀର ଶତାଧିକ ବ୍ୟକ୍ତି ବୀର ବେଶରେ ସଜ୍ଜିତ ହୋଇ ହାତରେ ଧନୁଶର ଧରି ଗାଁଠୁ କିଛି ଦୂରରେ ଥିବା ଦଶହରା ପଡିଆକୁ ଯାତ୍ରା କରନ୍ତି। ସେଠାରେ ବନ୍ଧୁତ୍ୱପୂର୍ଣ୍ଣ ଲାଖବିନ୍ଧା ପର୍ବ ଅନୁଷ୍ଠିତ ହୁଏ। ନିୟମାନୁସାରେ, ୧୦୦ ମିଟର ବ୍ୟବଧାନରେ ପୋତାଯାଇଥିବା ଏକ କଦଳୀ ଗଛକୁ ଲକ୍ଷ୍ୟ କରି ଉଭୟ ଗୋଷ୍ଠୀର ବୀରମାନେ ତୀର ମାରନ୍ତି। ଯେଉଁ ଗୋଷ୍ଠୀର ବ୍ୟକ୍ତି କଦଳୀ ବୃକ୍ଷରେ ପ୍ରଥମେ ତୀର ବଜାନ୍ତି, ସେହି ଗୋଷ୍ଠୀର ବ୍ୟକ୍ତିମାନେ ମା'ଦୁର୍ଗାଙ୍କ ସମ୍ପତ୍ତି ଉପରେ ୧ ବର୍ଷ ପର୍ଯ୍ୟନ୍ତ ମାଲିକାନା ଜାହିର କରିଥାନ୍ତି। ଏହି ବିରଳ ଦୃଶ୍ୟକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକ ଦଶହରା ପଡିଆରେ ରୁଣ୍ଡ ହୋଇଥାନ୍ତି।

**ରାବଣ ପୋଡ଼ି:** ଲାଖବିନ୍ଧା ପର୍ବର ପରିସମାପ୍ତି ପରେ ସନ୍ଧ୍ୟାରେ ଗାଁ ନିକଟସ୍ଥ ମଠଡିହଠାରେ ରାବଣ ପୋଡିର ଆୟୋଜନ ହୋଇଥାଏ। ନିୟମାନୁଯାୟୀ, ସ୍ଥାନୀୟ ସରପଞ୍ଚ ରାବଣ ଦେହରେ ଅଗ୍ନି ସଂଯୋଗ କରିଥାନ୍ତି। ଆତସବାଜିରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇଯାଏ। ରାବଣ ପୋଡିକୁ ଦେଖିବା ପାଇଁ ଆଖପାଖ ୧୦ଟି ପଞ୍ଚାୟତ ଓ ପଡୋଶୀ ଯାଜପୁର ଜିଲାର ୨ଟି ପଞ୍ଚାୟତର ଲୋକେ ରୁଣ୍ଡ ହୋଇଥାନ୍ତି।

**ଭାଇଚାରା ରଖିବାକୁ ଉଦ୍ୟମ:** ଷଷ୍ଠୀଠାରୁ ନବମୀ ପର୍ଯ୍ୟନ୍ତ ଉଭୟ ଗୋଷ୍ଠୀ ତରଫରୁ ଭାଇଚାରା ରଖିବାକୁ ଉଦ୍ୟମ କରାଯାଏ। ଯେଉଁଥିପାଇଁ ଗ୍ରାମରେ ଥିବା କ୍ଷତ୍ରିୟଙ୍କ ବ୍ୟତୀତ ଅନ୍ୟ ସଂପ୍ରଦାୟର ଲୋକେ ବି ଆଖପାଖ ଗାଁର ବ୍ୟକ୍ତିଙ୍କୁ ସନ୍ଧ୍ୟାରେ ନିଜ ନିଜ ଘରକୁ ଆମନ୍ତ୍ରିତ କରିଥାନ୍ତି। ଏହି ୪ ଦିନ ଘରେ ଘରେ ହୁଏ ପିଠାପଣାର ସମ୍ଭାର। ପୁରି, ଖିରି, ଘିଅପିଠା, ରସାବଳୀ, ପାନତୁଆ, ଲେଡିକିନ, ଜିଲାପି ଆଦି ମିଠା ସହ ବିଭିନ୍ନ ଫଳମୂଳ ଆମନ୍ତ୍ରିତ ଅତିଥିଙ୍କୁ ପରସା ଯାଇଥାଏ। ଏହା ଭାଇଚାରା ରକ୍ଷା କରିବାର ଶ୍ରେଷ୍ଠ ମାଧ୍ୟମ ବୋଲି ସାଧାରଣରେ ଚର୍ଚ୍ଚା ହୁଏ।

–ଦିପ୍ତୀ ରଞ୍ଜନ ନାୟକ





## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ସୋନାଲିକା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
**ଫଟୋ ସୌଜନ୍ୟ– କୁମାର ଶରତ (ଧରିତ୍ରୀ)**

# ହାଃ ହାଃ

## ଇଂଲିଶ

ମହିଳା ଡାକ୍ତରଙ୍କୁ– ଆଜ୍ଞା ମୋ ପୁଅ ମୋଟର ସାଇକେଲରୁ ପଡିଗଲା।
ଡାକ୍ତର–ଆଇ କ୍ୟାଣ୍ଟ ଅଣ୍ଡରଷ୍ଟାଣ୍ଡ ଓଡ଼ିଆ। ପ୍ଲିଜ୍ ଟେଲ୍ ମି ଇନ୍ ଇଂଲିଶ।
ମହିଳା– ମାଇଁ ସନ୍ ଗିରୋନ୍ଦା ଫ୍ରମ୍ ହିରୋହୋନ୍ଦା...।

## ଖୁସି

ଜଜ୍ ସ୍ୱାମୀଙ୍କୁ– ତୁମେ ତୁମ ସ୍ତ୍ରୀଙ୍କଠୁ କାହିଁକି ଛାଡପତ୍ର ଚାହୁଁଛ ?
ସ୍ୱାମୀ– ମୁଁ ତାକୁ ବାହା ହୋଇ ଖୁସି ନାହିଁ।
ଜଜ୍ ବ୍ୟକ୍ତିଙ୍କ ସ୍ତ୍ରୀଙ୍କୁ– ତୁମେ ଏ ବାବଦରେ କ'ଣ କହିବାକୁ ଚାହୁଁଛ ?
ସ୍ତ୍ରୀ ଜଜ୍‌ଙ୍କୁ– ଆଜ୍ଞା, ସାରା ସାହି ଲୋକ ମୋ ପାଇଁ ଖୁସି। ହେଲେ ଏଇ ଜଣେ ହିଁ ଖୁସି ହୋଇପାରୁ ନାହାନ୍ତି। କ'ଣ ଆଉ କହିବି।


## ରିଲାକ୍ସ

ବାପା ପୁଅକୁ– ଯା' ପଢିବୁ।
ପୁଅ–କାହିଁକି ?
ବାପା– ପଢିଲେ ଭଲ ମାର୍କ ଆଣିବୁ।
ପୁଅ– ଭଲ ମାର୍କ ଆଣିଲେ କ'ଣ ହେବ ?
ବାପା– ଭବିଷ୍ୟତରେ ବଡ଼ ଚାକିରି କରିବୁ।
ପୁଅ– ଚାକିରି କଲେ କ'ଣ ହେବ ?
ବାପା– ବଡ଼ ଘର, କାର୍ କିଣିବୁ।
ପୁଅ– କିଣିଲେ କ'ଣ ହେବ ?
ବାପା– କିଛି ସମସ୍ୟା ରହିବନି। ରିଲାକ୍ସ କରିବୁ।
ପୁଅ– ଏବେ ବି ତ ମୁଁ ସେଇୟା କରୁଛି। ଏତେ ପରିଶ୍ରମ କାହିଁକି କରିବି ?

# ବାରାଣସୀ
# ଦୁର୍ଗା ମନ୍ଦିର




ଉତ୍ତରପ୍ରଦେଶର ବାରାଣସୀଠାରେ ମା' ଦୁର୍ଗାଙ୍କୁ ସମର୍ପିତ ଏକ ମନ୍ଦିର ରହିଛି, ଯାହାକୁ କେହି କେହି ଦୁର୍ଗା ମନ୍ଦିର ତ ଆଉ କେହି ଦୁର୍ଗା କୁଣ୍ଡ ମନ୍ଦିର ବୋଲି କହିଥାନ୍ତି। ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ରାଣୀ ଭବାନୀ ନାମ୍ନୀ ଜଣେ ବଙ୍ଗୀୟ ମହାରାଣୀଙ୍କ ଦ୍ୱାରା ଅଷ୍ଟାଦଶ ଖ୍ରୀଷ୍ଟାବ୍ଦ ସମୟରେ ଏହି ମନ୍ଦିରଟି ନିର୍ମିତ ହୋଇଥିଲା।



**ମା'ଙ୍କ ଆବିର୍ଭାବକୁ ନେଇ ଲୋକକଥା**

ମା'ଙ୍କ ଆବିର୍ଭାବକୁ ନେଇ ଅନେକ ଲୋକକଥା ଶୁଣିବାକୁ ମିଳିଥାଏ। ତନ୍ମଧ୍ୟରୁ ଗୋଟିଏ ହେଉଛି : ଆଜକୁ ବହୁ ବର୍ଷ ପୂର୍ବେ ବାରାଣସୀର ଜନୈକ ରାଜା ନିଜ ପୁତ୍ରୀଙ୍କର ବିଭାଘର ପାଇଁ ସ୍ୱୟଂମ୍ବର ସଭାର ଆୟୋଜନ କରିଥିଲେ। କିନ୍ତୁ ଯେତେବେଳେ ରାଜା ଜାଣିଲେ ତାଙ୍କ ପୁତ୍ରୀ କାହାକୁ ଭଲ ପାଉଛନ୍ତି ବୋଲି, ସେତେବେଳେ ସିଏ ଗୁପ୍ତରେ ତାଙ୍କ ପୁତ୍ରୀଙ୍କର ସେହି ଯୁବକଙ୍କ ସହ ବିବାହ କରାଇଦେଲେ। ହେଲେ ଏକଥା ସ୍ୱୟଂମ୍ବରକୁ ଆମନ୍ତ୍ରିତ ହୋଇ ଆସିଥିବା ରାଜାମାନେ ଜାଣିଲା ପରେ କ୍ରୋଧ କଲେ। ଆଉ ବାରାଣସୀ ରାଜାଙ୍କ ସହ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେଲେ। ଏଭଳି ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ବାରାଣସୀ ରାଜାଙ୍କ ଦ୍ୱାରା ମା' ଦୁର୍ଗାଙ୍କୁ ସ୍ମରଣ କରିବାରୁ ମା' ଉଭା ହୋଇ ଯୁଦ୍ଧରେ ବାରାଣସୀ ରାଜାଙ୍କୁ ଜିତାଇଥିଲେ। ସେହିଦିନଠାରୁ ବାରାଣସୀ ରାଜା ମା' ଦୁର୍ଗାଙ୍କର ପୂଜାର୍ଚ୍ଚନା କରିଆସୁଥିଲେ। ପରବର୍ତ୍ତୀ ସମୟରେ ସେଠାରେ ମା' ଦୁର୍ଗାଙ୍କର ଏକ ବଡ଼ ମନ୍ଦିର ନିର୍ମାଣ କରାଯାଇଥିଲା, ଯାହାକୁ ରାଣୀ ଭବାନୀ ନାମ୍ନୀ ଜଣେ ବଙ୍ଗୀୟ ମହାରାଣୀ ତିଆରି କରିଥିଲେ ବୋଲି ସୂଚନା ରହିଛି।



**ମନ୍ଦିରର କାରୁକାର୍ଯ୍ୟ**

କୁହାଯାଏ, ଉତ୍ତର ଭାରତୀୟ ନାଗର ଶୈଳୀରେ ନିର୍ମିତ ହୋଇଥିବା ଏହି ମନ୍ଦିରରେ ମା' ଦୁର୍ଗା 'ଯନ୍ତ୍ର' ରୂପରେ ବିରାଜିତା। ସେହିପରି ମନ୍ଦିର ମଧ୍ୟରେ ମା'ଙ୍କର ଏକ ପ୍ରତିମା ମଧ୍ୟ ରହିଛି, ଯାହାର ରଙ୍ଗ ଈଷତ୍ ଲାଲ୍। ଖାସ୍ ସେଥିପାଇଁ ମନ୍ଦିରର ବାହାର ପାର୍ଶ୍ୱରେ ବି ଲାଲ୍ ଗେରୁ ରଙ୍ଗ ଦିଆଯାଇଛି। ମା' ଦୁର୍ଗାଙ୍କ ବ୍ୟତୀତ ଏଠାରେ ବାବା ଭୈରବନାଥ, ମାତା ଲକ୍ଷ୍ମୀ, ମାତା ସରସ୍ୱତୀ, ମାତା କାଳୀଙ୍କର ଛୋଟ ଛୋଟ ମୂର୍ତ୍ତିକୁ ବି ପୂଜା କରାଯାଇଥାଏ। ବିଭିନ୍ନ ମାଙ୍ଗଳିକ କାର୍ଯ୍ୟ ସମୟରେ ଭକ୍ତଗଣ ଏଠାକୁ ଆସି ମା'ଙ୍କୁ ଦର୍ଶନ କରିବା ସହ ଭୋଗ ଲାଗି କରିଥାନ୍ତି। କେହି କେହି ଏଠାରେ ତନ୍ତ୍ର ପୂଜା ବି କରାଇଥାନ୍ତି। ତା'ଛଡ଼ା ମନ୍ଦିର ଭିତରେ ଥିବା ଯଜ୍ଞ କୁଣ୍ଡରେ ପ୍ରତିଦିନ ଯଜ୍ଞ ହେଉଥିବାର ଦୃଶ୍ୟ ଏକ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିଥାଏ।

**କେବେ ଓ କେମିତି ଯିବେ**


ବର୍ଷର ସବୁ ସମୟରେ ଏଠାକୁ ଭକ୍ତଙ୍କର ଯା'ଆସ ଲାଗି ରହିଥାଏ। ତେବେ ପ୍ରତି ମଙ୍ଗଳବାର, ଶନିବାର, ନବରାତ୍ରୀ ତଥା ଦଶହରା ସମୟରେ ଏଠାରେ ବହୁ ଜନସମାଗମ ହୋଇଥାଏ। ନବରାତ୍ରୀ ଓ ଦଶହରା ସମୟରେ ଏଠାରେ ସ୍ୱତନ୍ତ୍ର ମେଳାର ଆୟୋଜନ ମଧ୍ୟ କରାଯାଇଥାଏ, ଯାହାକୁ ଦେଖିବାକୁ ଦୂରଦୂରାନ୍ତରୁ ପର୍ଯ୍ୟଟକ ବି ଏଠାକୁ ଆସିଥାନ୍ତି। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ବେଶ୍ ସୁବିଧା ରହିଛି। ଲାଲ୍ ବାହାଦୁର ଶାସ୍ତ୍ରୀ ଏୟାର୍‌ପୋର୍ଟ ହେଉଛି ଏଠାକାର ନିକଟତମ ବିମାନବନ୍ଦର। ଅନ୍ୟପକ୍ଷେ ବାରାଣସୀ ଜଙ୍କସନ୍ ରେଲୱେ ଷ୍ଟେଶନ ହେଉଛି ଏଠାକାର ନିକଟବର୍ତ୍ତୀ ତଥା ମୁଖ୍ୟ ରେଳଷ୍ଟେଶନ। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଉଭୟ ସରକାରୀ ଓ ବେସରକାରୀ ବସ୍ ବି ଏଠାକୁ ଯା'ଆସ କରିଥାଏ।

**ନିକଟବର୍ତ୍ତୀ ପର୍ଯ୍ୟଟନସ୍ଥଳୀ**

ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ମା' ଦୁର୍ଗାଙ୍କର ଏହି ମନ୍ଦିରକୁ ଦେଖିବା ସହିତ ନିକଟବର୍ତ୍ତୀ ଅଞ୍ଚଳରେ ଆହୁରି ଅନେକ ଦର୍ଶନୀୟ ସ୍ଥାନ ମଧ୍ୟ ଦେଖିପାରିବେ। ଯେମିତି କି ଉକ୍ତ ମନ୍ଦିରଠାରୁ ମାତ୍ର ୨୫୦ ମିଟର ଦୂରରେ ଥିବା ତୁଳସୀ ମାନସ ମନ୍ଦିର, ୭୦୦ ମିଟର ଦୂରରେ ଥିବା ସଙ୍କଟ ମୋଚନ ମନ୍ଦିର ତଥା ଦେଢ଼ କି.ମି. ଦୂରରେ ଥିବା ବନାରସ ହିନ୍ଦୁ ୟୁନିଭର୍ସିଟି ଇତ୍ୟାଦି ଅନ୍ୟତମ।



# ସ୍କାଏ ପୁଲ୍



ଖରାଦିନେ ସୁଇମିଂ ପୁଲ୍‌ର ମଜା ଉଠାଇବାକୁ କିଏ ବା ନ ଚାହାନ୍ତି। ପ୍ରବଳ ତାତିରୁ ନିସ୍ତାର ଦିଏ ପୁଲ୍। ତେବେ ବ୍ରିଟେନରେ ନିର୍ମାଣ ହେଉଥିବା ଏକ ପୁଲ୍ କେବଳ ତାତିରୁ ନିସ୍ତାର ଦେବନି ବରଂ ଏକ ରୋମାଞ୍ଚକର ଅନୁଭୂତି ବି ଦେବ। କାରଣ ଏହାକୁ ସାମ୍ନାସାମ୍ନିଭାବେ ଥିବା ଦୁଇଟି ୧୦ ମହଲା ବିଶିଷ୍ଟ ଅଟ୍ଟାଳିକ ମଝିଭାଗରେ ଭୂମିଠାରୁ ୩୫ ମିଟର ତଥା ୧୧୫ ଫୁଟ ଉଚ୍ଚତାରେ ଉକ୍ତ ଦୁଇ ଅଟ୍ଟାଳିକାକୁ ସଂଯୋଗକରି ନିର୍ମାଣ କରାଯାଉଛି। ଆଉ ଏହା ସମ୍ପୂର୍ଣ୍ଣ ଟ୍ରାନ୍ସପରେଣ୍ଟ । ତେଣୁ ପହଁରିବାବେଳେ ତଳ ଉପର, ଦୁଇ ପାର୍ଶ୍ୱର ଦୃଶ୍ୟକୁ ଦେଖିହେବ। ଏଠାରୁ ହାଉସ୍ ଅଫ୍ ପାର୍ଲାମେଣ୍ଟର ଦୃଶ୍ୟ ବି ଦେଖାଯିବ। ପୁଲ୍‌ଟି ୨୫ମିଟର ଲମ୍ବା, ୫ ମିଟର ଓସାର ଓ ୩ ମିଟର ଗଭୀରତା ବିଶିଷ୍ଟ । ଏଥିରେ ପ୍ରାୟ ୪୦୦ ଟନ୍ ଜଳ ଧାରଣ କ୍ଷମତା ରହିଛି। ଆଗାମୀ ଗ୍ରୀଷ୍ମଋତୁରେ ଏହାକୁ ସର୍ବସାଧାରଣଙ୍କ ପାଇଁ ଖୋଲିବାର ଯୋଜନା ରହିଛି। ଭୂମିଠାରୁ ଏତେ ଉଚ୍ଚତାରେ ହୋଇଥିବା ଉକ୍ତ ପୁଲ୍ ହେଉଛି ପୃଥିବୀର ପ୍ରଥମ ସ୍କାଏ ପୁଲ୍।

## କାର୍ଟୁନ କର୍ନର



# “ପରିଚାଳକର ଭୂମିକା ବାପାଙ୍କ ଭୂମିକାଠୁ କମ୍ ନୁହେଁ”



ପ୍ରଜିତ କୁମାର ରାଉତରାୟ


“ଗୋଟିଏ ପରିବାରରେ ଜଣେ ବାପାଙ୍କ ଭୂମିକା ଯାହା ଗୋଟିଏ ଯାତ୍ରାପାର୍ଟିରେ ଜଣେ ପରିଚାଳକଙ୍କ ଭୂମିକା ଅବିକଳ ସେଇଆ। ପାର୍ଟି ଭିତରେ ସମତୁଲ ବଜାୟ ରଖିବା ସହିତ ସବୁବେଳେ ବ୍ୟକ୍ତିଗତ ଲାଭକ୍ଷତିକୁ ଭୁଲି କେବଳ ଅନୁଷ୍ଠାନର ମଙ୍ଗଳ କାମନା କରିବା ହେଉଛି ଜଣେ ପରିଚାଳକଙ୍କ ଧର୍ମ!”

ନିଜର ଭୂମିକା ବିଷୟରେ ସୂଚନା ଦେବାକୁ ଯାଇ ଏଭଳି ଏକ ମାର୍ଜିତ ମନ୍ତବ୍ୟ ଦିଅନ୍ତି ଯାତ୍ରାଜଗତର ଅନ୍ୟତମ ପ୍ରତିଭାବାନ ଯୁବ ପରିଚାଳକ ପ୍ରଜିତ କୁମାର ରାଉତରାୟ ଓରଫ ଟିଲୁଭାଇ। ତାଙ୍କର ପରିଚାଳକ ହେବା ପଛରେ ସେ ଦୁଇଜଣଙ୍କ ଭୂମିକାକୁ ସ୍ୱୀକାର କରନ୍ତି ଆଉ ସେମାନଙ୍କ ଆଦର୍ଶକୁ ଧରି ବାଟ ଚାଲୁଛନ୍ତି ବୋଲି ପ୍ରକାଶ କରନ୍ତି। ଜଣେ ହେଉଛନ୍ତି ଦିବଂଗତ ଚିନୁଭାଇ। ଅନ୍ୟଜଣେ ହେଉନ୍ତି ତାଙ୍କର ଗୁରୁସମ ‘ଭାଇନା’। ସେ କହନ୍ତି, ମୁଁ ଭାଇନା (ନୟନ କୁମାର ଆଚାର୍ଯ୍ୟ)ଙ୍କ ଠାରୁ ଜଣେ ପରିଚାଳକ ହେବାର କଳା ଶିଖିଛି। ଆଉ ତାହାକୁ ପ୍ରୟୋଗକରି ଆଗକୁ ଆଗକୁ ଚାଲିଛି।


ଜଣେ ପରିଚାଳକ ଭାବରେ ଆଜି ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରି ପାରିଥିବା ‘ଟିଲୁଭାଇ’ଙ୍କର ଯାତ୍ରା କ୍ୟାରିୟର ଆରମ୍ଭ ହୋଇଥିଲା ଜଣେ ଅଭିନେତା ଭାବରେ। ଏହା ୧୯୯୦ ମସିହାର କଥା। ସେ ତ ଆଗରୁ ଗାଁ ଡ୍ରାମାରେ ପାର୍ଟ କରୁଥିଲେ। ଅଭିମନ୍ୟୁ ଭୂମିକାରେ ତାଙ୍କର ଅଭିନୟକୁ ଗାଁର ବୟୋଜ୍ୟେଷ୍ଠ ଲୋକମାନେ ଏବେ ମଧ୍ୟ ମନେ ରଖିଛନ୍ତି। ଯାତ୍ରା ପ୍ରତି ମନରେ ରୁଚି ଥିଲା। ସେଥିଲାଗି ସେ ‘ଜଗଜ୍ଜନନୀ ଅପେରା’ରେ ଯୋଗଦେଲେ। ଆଉ ପାର୍ଶ୍ୱନାୟକ ଭାବରେ ଅଭିନୟ କଲେ। ୧୯୯୦ରୁ ୧୯୯୪ ପର୍ଯ୍ୟନ୍ତ ସେ ‘ଜଗଜ୍ଜନନୀ’ରେ ଅଭିନେତା ଭାବରେ କାମ କଲେ। ‘ନାଲି ଟୁକୁଟୁକୁ ସାଧବ ବୋହୂ’, ‘କଣ୍ଢେଇ ଦେଖେଇ ଭଣ୍ଢେଇ ଦେଲି’, ‘ମୋ ଛବି ବହି’, ‘ମିନିଲୋ! ତୋର ଅଧେକୁ ମୋର ଅଧେ’ ଭଳି ନାଟକରେ ଅଭିନୟ କରି ସେ ଦର୍ଶକଙ୍କ ପ୍ରିୟପାତ୍ର ହୋଇ ପାରିଥିଲେ। ତେବେ ତାଙ୍କ ଭିତରେ ଜଣେ ପରିଚାଳକ ହେବାର କଳା ମଧ୍ୟ ରହିଥିଲା। ୧୯୯୫ରେ ସେ ଭାଇନା ଅର୍ଥାତ୍ ନୟନ କୁମାର ଆଚାର୍ଯ୍ୟଙ୍କ ସହିତ ସହ-ପରିଚାଳକ ଭାବରେ କାମ କଲେ। ‘ପାର୍ବତୀ’, ‘ତ୍ରିନାଥ’, ‘ପଞ୍ଚଶଖା’, ‘ତ୍ରିରଙ୍ଗା’, ’ବ୍ଲୁ’, ‘ରେଡ’, ‘ଗୌରୀ’ ଆଦି ଅନୁଷ୍ଠାନରେ କାମ କରି ସେ ପରିଚାଳକ ହେବାର କଳାକୌଶଳ ହାସଲ କଲେ। ଚଳିତବର୍ଷ ସେ ‘ସ୍ୱପ୍ନମହଲ’ର ପରିଚାଳକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜଣେ ପରିଚାଳକ ଭାବରେ ଅନୁଭୂତି କିପରି ବୋଲି ପ୍ରଶ୍ନର ଉତ୍ତର ଦେଇ ଟିଲୁଭାଇ କହନ୍ତି : ନିଶ୍ଚିତ ଭାବରେ ରିସ୍କ କାମ। ତଥାପି ଅନେକ ଭଲ ଅନୁଭୂତି ଅଛି। ଗୋଟିଏ ପାର୍ଟିକୁ ଠିକ ଦିଶା ଦେବାରେ ଯେଉଁ ଆନନ୍ଦ ତାହା ଅନ୍ୟ କୋଉଠି ମିଳିବ ନାହିଁ।’ ଅନେକ ଯାତ୍ରାପାର୍ଟିରେ ଅଭିନେତାମାନଙ୍କୁ ଦଳର ପରିଚାଳକ ଭାବରେ ଦାୟିତ୍ୱ ଦିଆଯିବା ପ୍ରସଙ୍ଗରେ ତାଙ୍କର ସ୍ପଷ୍ଟମତ, ଅଭିନେତାଟିଏ ଅଭିନୟ କରୁ। ଯଦି ପରିଚାଳକ ହେବ ତ ପରିଚାଳକ ହେଉ। ମାତ୍ର ଏକସଙ୍ଗରେ ଅଭିନୟ ଆଉ ପାର୍ଟି ପରିଚାଳନା ଅସମ୍ଭବ। ନା ଅଭିନୟରେ ଏକାଗ୍ରତା ରହିବ। ନା ପାର୍ଟିର ଠିକ ପରିଚାଳନା ହେବ। ଏହା ସମ୍ପୂର୍ଣ୍ଣ ଏକ ଭୁଲ ନିଷ୍ପତ୍ତି। ଏହାର ଫଳ କେବେ ବି ଶୁଭଙ୍କର ନୁହେଁ। ଚଳିତବର୍ଷ ତାଙ୍କ ପରିଚାଳିତ ‘ସ୍ୱପ୍ନମହଲ’ ସଫଳତାର ଶିଢ଼ି ଚଢ଼ି ଚାଲୁଥିବା ବେଳେ ଆଗକୁ ମଧ୍ୟ ଏହାର ପୁନରାବୃତ୍ତି ଘଟିବ ବୋଲି ସେ ଆଶାବାଦୀ।

# ରୀନାଙ୍କୁ ଏଥର ନେଗେଟିଭ୍

ନା ସେ ଗାଁରେ ଡ୍ରାମା କରିଥିଲେ। ନା ତାଙ୍କର ଅଭିନୟର କୌଣସି ଅଭିଜ୍ଞତା ଥିଲା। ସେ କେବଳ ଭଲ ପାଉଥିଲେ ଯାତ୍ରାକୁ। ଯାତ୍ରା ପ୍ରତି ଥିବା ତାଙ୍କର ସେହି ଭଲପାଇବା ହିଁ ତାଙ୍କୁ ଟାଣି ଆଣିଲା ଯାତ୍ରା ଜଗତକୁ। ଖାଲି ଟାଣି ଆଣିଲାନାହିଁ। ଅଧିକନ୍ତୁ ତାଙ୍କୁ ସଜେଇଦେଲା ଜଣେ ପୋଖତ ଅଭିନେତ୍ରୀ। ଏଠାରେ ଯାହାଙ୍କ କଥା କୁହାଯାଉଛି ସେ ହେଉଛନ୍ତି ଓଡ଼ିଆ ଯାତ୍ରା ଜଗତର ଜଣେ ଜଣାଶୁଣା ଅଭିନେତ୍ରୀ ରୀନାରାଣୀ ନାୟକ। ସଂକ୍ଷେପରେ ରୀନା। ଭଦ୍ରକ ଜିଲା ବାସୁଦେବପୁର ଅନ୍ତର୍ଗତ ପଦ୍ମପୁରରେ ଜନ୍ମିତା ରୀନା ଆଜିକୁ ତିରିଶ ବର୍ଷ ତଳେ ପାଦ ଥାପିଥିଲେ ଯାତ୍ରା ଜଗତରେ। ଅନୁଷ୍ଠାନ ଥିଲା ‘ସାଗରକନ୍ୟା’ ଗଣନାଟ୍ୟ। ପ୍ରସିଦ୍ଧ ନିର୍ଦ୍ଦେଶକ ବାଦଲ ସିକ୍‌ଦାରଙ୍କ ସହିତ ପରିଚୟ ଥିଲା। ଆଉ ତାଙ୍କରି ମାଧ୍ୟମ ଦେଇ ହିଁ ସେ ଆସି ଯୋଗ ଦେଇଥିଲେ ‘ସାଗରକନ୍ୟା’ରେ। ଝିଅର ଯାତ୍ରାକୁ ଆସିବା ନେଇ ଘରେ ସମସ୍ତେ ଅରାଜି ଥିଲେ। ମାତ୍ର ରୀନାଙ୍କ ଦେହରେ ଡେଣା ଖଞ୍ଜି ଦେଇଥିଲା ଯାତ୍ରା। ସେ ବା କେମିତି ଚୁପ୍ ହେଇ ବସିଥାନ୍ତେ! ସେ ଯା’ହେଉ ‘ସାଗରକନ୍ୟା’ରୁ ନିଜର ଯାତ୍ରା ଜୀବନ ଆରମ୍ଭ କରିଥିବା ରୀନା ଏବେ ଆସି ପହଞ୍ଚିଛନ୍ତି ଅପେରା ‘ସୂର୍ଯ୍ୟମନ୍ଦିର’ରେ। ଇତିମଧ୍ୟରେ ସେ ‘ପାର୍ବତୀ’, ‘କଳିଙ୍ଗ’, ‘କୋଣାର୍କ’, ‘ବାଘାଯତିନ’, ‘ଟାଇଗର ତାରିଣୀ’, ‘ଗୌରୀ’, ‘ବିଶ୍ୱଜନନୀ’ ଆଦି ଅନୁଷ୍ଠାନରେ ନିଜ ଅଭିନୟର ପରାକାଷ୍ଠା ଦେଖାଇ ସାରିଛନ୍ତି। ତାଙ୍କ ଅଭିନୀତ ନାଟକଗୁଡ଼ିକ ମଧ୍ୟରେ ରହିଛି ‘ବାକି ରହିଲା ହାଟ ସଉଦା’, ‘ଏମିତି କାହାଣୀ କେବେ ବି ଶୁଣିନି’, ‘ବାହାବଜାର’, ‘ଅଛୁଆଁ ମଣିଷ’, ‘କଙ୍କାଳକୋଠୀ’, ‘ଜହ୍ନରେ ରହିବି କଳଙ୍କ ହୋଇ’, ‘ରୁପା କାନଫୁଲ ସୁନା ପାଉଁଜି’, ‘ଏମିତି ଝିଅକୁ ଶହେ ସଲାମ’, ‘ସିନ୍ଦୂର କାନ୍ଦୁଛି ଓଢ଼ଣୀ ତଳେ’, ‘ଯମ ଲେଖୁଛି ପ୍ରେମ ଚିଠି’, ‘ଫଗୁଣ ଦେଇଛି ପହିଲି ଚିଠି’, ‘ମିତା ମହାନ୍ତି ମିଛ କୁହନ୍ତି’, ‘ବାଜି ରହିଲା ମୋ ସାନଭଉଣୀ’ ଏବଂ ଆହୁରି ଅନେକ। ଚଳିତବର୍ଷ ‘ସୂର୍ଯ୍ୟମନ୍ଦିର’ରେ ସେ ଅଭିନୟ କରିଥିବା ନାଟକ ମଧ୍ୟରେ ରହିଛି ‘କାହାଣୀ କହୁଛି ସୂର୍ଯ୍ୟମନ୍ଦିର’, ‘ପ୍ରେମିକାର ନାଁ ଚନ୍ଦ୍ରଭାଗା’, ‘ପୁଅ ଯିବ ଶାଶୁଘର’, ‘ମାୟାବିନି ମୌସୁମୀ’। ଆଜିଯାଏ ପଜିଟିଭ ରୋଲରେ ଅଭିନୟ କରି ଆସିଥିବା ରୀନାଙ୍କୁ ଚଳିତବର୍ଷ ‘ମାୟାବିନି ମୌସୁମୀ’ରେ ନେଗେଟିଭ୍ ଭୂମିକା ମିଳିଛି। ଆଉ ତାକୁ ନେଇ ସେ ବେଶ୍ ଖୁସି ଅଛନ୍ତି।




# ମା’ ହେବ ତ ଏମିତି



ମା’ ହେବ ତ ଏମତି। ଠିକ୍ ଯେମିତି ବେକି କ୍ରାଣ୍ଡଲେ। ନିଜ ପୁଅକୁ ନେଇ ସେ ଭାରି ସମ୍ବେଦନଶୀଳ। କେହି ଯଦି ପୁଅ ବିଷୟରେ କିଛି କହିଲା ସେ ପାଗଳୀ ହେଇଯିବେ। ସଙ୍ଗେସଙ୍ଗେ ତାହାର ପ୍ରମାଣ ଖୋଜି ପୁଅକୁ ସୁଧାରିବାକୁ ଲାଗି ପଡ଼ିବେ। ଯଦି ଅଭିଯୋଗ କରିଥିବା ଲୋକ ପ୍ରମାଣ ଦେଲା ତ ଭଲ। ନହେଲେ ତାଙ୍କ କପାଳରେ ଶନି ବସିଲେ ଜାଣ। ବେକି କ୍ରାଣ୍ଡଲେ ଏମିତି ଜଣେ ମହିଳା। ଥରେ ସେ ସ୍କୁଲ୍‌ରୁ ଖବର ପାଇଲେ ଯେ, ତାଙ୍କ ପୁଅ ସ୍କୁଲରେ ଦୁଷ୍ଟ ହେଉଛି। ସେ ତାହାକୁ ହସରେ ଉଡ଼େଇଦେଲେ। କାରଣ ସେ ଜାଣନ୍ତି ତାଙ୍କ ପୁଅ କ’ଣ? ତେଣୁ ସେ ଚୁପ୍‌ଚାପ୍ ରହିଗଲେ। ହେଲେ ଲଗାତାର ଦୁଇ ସପ୍ତାହ ଧରି କଲ ଆସିବାକୁ ଲାଗିଲା। ତେଣୁ ସେ ଆଉ ବିଳମ୍ବ ନକରି ଭାବିଲେ ଯେ, ବୋଧହୁଏ ତାଙ୍କ ପୁଅ ସ୍କୁଲରେ କିଛି କରୁଛି। ନହେଲେ ଥରକୁଥର ତା’ ବିରୋଧରେ ଅଭିଯୋଗ ଆସନ୍ତା କ’ଣ ପାଇଁ? ବେକି ସିଧା ଯାଇ ସ୍କୁଲ୍‌ରେ ପହଞ୍ଚିଗଲେ। ଆଉ କହିଲେ ସେ ଆଉ ଘରକୁ ଯିବେନି। ପୁଅ ଯେତିକି ସମୟ ସ୍କୁଲରେ ରହିବ ସେ ସେତିକି ସମୟ ରହିବେ। ଏମିତିକି ପୁଅର କ୍ଲାସରୁମ୍‌ରେ ମଧ୍ୟ ବସିବେ। ଆଉ ଦେଖିବେ ତାଙ୍କ ପୁଅ କରୁଛି କ’ଣ? ଏକଥା ଦେଖି ସ୍କୁଲ୍‌ରେ ସମସ୍ତେ ତାଜ୍ଜୁବ। ସତକୁସତ ବେକି ତାହାହିଁ କଲେ। ଏମିତିକି ପୁଅ ପରୀକ୍ଷା ଦେବାବେଳେ ମଧ୍ୟ ତାକୁ ସେ ଜଗି ରହିବାକୁ ପଛେଇଲେ ନାହିଁ।

ବ୍ୟାକ୍ ପେଜ୍














# କେକ୍‌ରେ ଗଢ଼ନ୍ତି ନୂଆ ଦୁନିଆ

କେକ୍‌ରେ ଅନେକ ଅଜବ ଓ ସୁନ୍ଦର କଳାକୃତି ଦେଖିଥିବେ । ହେଲେ ଇଟାଲୀର ୨୬ ବର୍ଷୀୟ ପ୍ୟାଷ୍ଟ୍ରି ସେଫ୍ ମାତେଓ ସ୍ଟୁଚିଙ୍କ କେକ୍ କଳାକୃତି କଥା ଭିନ୍ନ । ସେ କରୁଥିବା କେକ୍ ସମ୍ପୂର୍ଣ୍ଣ ଭାବେ ସତସତିକା ଛୋଟ ଦୁନିଆ ପରି ଲାଗେ । ଯେଉଁଠି ମଣିଷମାନେ ବିଭିନ୍ନ କାମରେ ବ୍ୟସ୍ତ ଥିବା ଦେଖିବାକୁ ମିଳେ । ଚାଷବାସ, ଗୃହ ନିର୍ମାଣଠୁ ଆରମ୍ଭକରି ଶର୍ଫିଂ, ନୌଚାଳନା, ମହାକାଶ ଯାତ୍ରା, ରାସ୍ତା ନିର୍ମାଣ ଭଳି ଅନେକ ଦୃଶ୍ୟକୁ ସେ କେକ୍ ମାଧ୍ୟମରେ ଦେଖାଇଥାଆନ୍ତି । ଏହି ଦୃଶ୍ୟ ସବୁକୁ ତିଆରି କରିବା ପାଇଁ ତାଙ୍କୁ ୨-୪ ଘଣ୍ଟା ସମୟ ଲାଗିଥାଏ ।



# ପେଣ୍ଟର୍ ମୂଷା

କିଛି ପେଣ୍ଟର୍ ଜୀବଜନ୍ତୁଙ୍କ ବିଷୟରେ ଆପଣ ଇଣ୍ଟରନେଟ୍‌ର ବିଭିନ୍ନ ସାଇଟ୍‌ରୁ ପଢ଼ି ଜାଣିଥିବେ । ଏବେ ଆଉ ଏକ ପ୍ରାଣୀ ପେଣ୍ଟିଂ କରି ସମସ୍ତଙ୍କୁ ଚକିତ କରିଛି । ସେ ହେଉଛି ଏକ ଛୋଟିଆ ମୂଷା । ନାଁ ତା'ର ଡାରିଅସ୍ । ଆମେଲି ମର୍କୋଟା ଆଣ୍ଡରସନ ହେଉଛନ୍ତି ତା'ର ମାଲିକାଣୀ । ଆମେଲି ପେସାରେ ଜଣେ ଆନିମେଶନ ଓ ଡିଜିଟାଲ ଆର୍ଟ ଛାତ୍ରୀ । ଛୋଟବେଳୁ ସେ ମୂଷା ରଖି ଆସିଛନ୍ତି । ସେ ହିଁ ଡାରିଅସ୍‌କୁ ଗୋଡ଼ରେ ପେଣ୍ଟ କରିବା ଶିଖାଇଛନ୍ତି । କିଛି ନନ୍ ଟକ୍ସିକ୍ ରଙ୍ଗ ଆଣି ସେଥିରେ ସେ ତା'ର କୁନି କୁନି ଗୋଡ଼ ବୁଡ଼ାନ୍ତି । ଆଉ ସାଦାକାଗଜ ଉପରେ ତାକୁ ଛାଡ଼ି ଦିଅନ୍ତି । ମୂଷାଟି ଆଗପଛ ଏପଟ ସେପଟ ହୋଇ ବିଭିନ୍ନ ଆକୃତି ତିଆରି କରିଥାଏ । ୨୦୧୮ରେ ଡାରିଅସ୍ ପ୍ରଥମ ପେଣ୍ଟିଂ କରିଥିଲା । ଏହାର ଫଟୋ ଓ ଭିଡିଓ ଆମେଲି ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିବା ପରେ ତାହା ଭାଇରାଲ ହେଲା । ଏହାମଧ୍ୟରେ ଡାରିଅସ୍ କରିଥିବା ୩-୪ଟି ପେଣ୍ଟିଂ ବିକ୍ରି ବି ହୋଇଛି । ଡାରିଅସ୍ ପାଇଁ ଆମେଲି ବେଶ୍ ଗର୍ବିତ ।





# ହ୍ୱିଲ ଚେୟାରରେ ବସି କଲେ ରେକର୍ଡ

ଯେଉଁ ବ୍ୟକ୍ତି ଦୁର୍ବଳତାକୁ ନିଜ ଶକ୍ତି କରିପାରେ ସେ ହିଁ ଆକାଶ ଛୁଇଁପାରେ । ସେମିତି ଜଣେ ବ୍ୟକ୍ତି ହେଉଛନ୍ତି ବ୍ରିଟେନ୍‌ର ପୂର୍ବତନ ସୈନିକ ମାର୍ଟିନ ଟୟ । ୨୧ ବର୍ଷ ବୟସରେ ସେ ଆର୍ମିରେ ଯୋଗ ଦେଇଥିଲେ । ୨୦୦୯ରେ ତାଙ୍କ ପୋଷ୍ଟିଂ ଆଫଗାନିସ୍ତାନରେ ହୋଇଥିଲା । ସେତେବେଳେ ଜଣେ ବମର ତାଙ୍କ ଉପରେ ଆକ୍ରମଣ କରିଥିଲେ । ସେଥିରେ ତାଙ୍କ ଗୋଡ଼ ପକ୍ଷାଘାତର ଶିକାର ହୋଇଗଲା । ଏବେ ହ୍ୱିଲ ଚେୟାରରେ କଟେ ତାଙ୍କ ସମୟ । ହେଲେ ସେ ନିଜକୁ କେବେ ଅକ୍ଷମ ବୋଲି ଭାବି ନାହାନ୍ତି । ଆଉ ଏମିତି କିଛି କରିବାକୁ ଚାହୁଁଥିଲେ ଯଦ୍ୱାରା ସେ ସମସ୍ତଙ୍କ ପାଇଁ ଉଦାହରଣ ପାଲଟିବେ । ବହୁ ଚେଷ୍ଟାକରି ସେ ଚେୟାରରେ ବସି ବସି ୫୦୫ କି.ଗ୍ରା. ଓଜନ ଉଠାଇ ବିଶ୍ୱ ରେକର୍ଡ କଲେ । ୨୦୧୭ର ୱାର୍ଲଡସ୍ ଷ୍ଟ୍ରଙ୍ଗ୍‌ମ୍ୟାନ୍ ଏଡି ହଲ୍‌ଙ୍କଠାରୁ ସେ ଅଧିକ ଓଜନ ଉଠାଇ ଉକ୍ତ ରେକର୍ଡ କରିବାରେ ସଫଳ ହେଲେ । ଆଉ ଦେଖାଇଦେଲେ ଦିବ୍ୟାଙ୍ଗ ବ୍ୟକ୍ତି ବି ଅସମ୍ଭବକୁ ସମ୍ଭବ କରିପାରିବେ ।

